




ଅଗ୍ନି-୫କୁ ନେଇ ଚର୍ଚ୍ଚାରେ ଭାରତ

# କ୍ଷେପଣାସ୍ତ୍ର ପ୍ରସ୍ତୁତି ପଛରେ ଡିଆରଡିଓ ମହିଳା ବୈଜ୍ଞାନିକ ସୀନା ରାଣୀ



ଦିବ୍ୟାସ୍ତ୍ର ହେଉଛି ଭଗବାନ ବା ଈଶ୍ୱର ଦତ୍ତ ଅସ୍ତ୍ର। ଯାହା କେବେ ବି ନିରସ୍ତ୍ର ହୁଏ ନାହିଁ। କିନ୍ତୁ ଦିବ୍ୟାସ୍ତ୍ର ମିଶନରେ ଭାରତକୁ ଗତ ୧୧ ତାରିଖରେ ଯେଉଁ ସଫଳତା ମିଳିଛି ତାହା ବହୁ ଦେଶର ଚିନ୍ତା ବଢାଇ ଦେଇଛି। ଆମେରିକା ଠାରୁ ଆରମ୍ଭ କରି ଚୀନ ଏବଂ ପାକିସ୍ତାନ ଭଳି ଦୁଇ ପଡୋଶୀ ଏବଂ ଆଣବିକ କ୍ଷମତାସମ୍ପନ୍ନ ରାଷ୍ଟ୍ର ଭାରତରଏହି ସଫଳତାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଦିବ୍ୟାସ୍ତ୍ର ମିଶନରେ ଭାରତ 'ଏମଆଇଆର୍‌ଭି( ମଲ୍ଟିପୁଲ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟବୁଲ ରି-ଏଣ୍ଟ୍ରି ଭେଇକିଲ' ବୈଷୟିକ ବିଦ୍ୟା ଆଧାରିତ ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରି ଅତ୍ୟାଧୁନିକ ଯୁଦ୍ଧାସ୍ତ୍ରକୁ ନେଇ ବିଶ୍ୱର ଏକ ନିର୍ଦ୍ଦିଷ୍ଟ କ୍ଲବ୍‌ରେ ସାମିଲ ହେବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା ମଧ୍ୟ ବଢ଼ିଛି। ଭାରତର ଏଭଳି କ୍ଷେପଣାସ୍ତ୍ର ପରୀକ୍ଷଣ ପାକିସ୍ତାନକୁ ନିରସ୍ତ୍ର କରି ଦେଇପାରେ ବୋଲି ମଧ୍ୟ ଜଣେ ଆମେରିକୀୟ ବୈଜ୍ଞାନିକ କହିଛନ୍ତି। ତେବେ ଅଗ୍ନି-୫ର ସଫଳତା ପଛରେ ଡିଆରଡିଓ( ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂଗଠନ) ର ଯେଉଁ ମହିଳା ବୈଜ୍ଞାନିକ ଜଣଙ୍କ ପ୍ରଚ୍ଛଦ ଭୂମିକା ରହିଛି ତାହା ମଧ୍ୟ ଆହୁରି ଚର୍ଚ୍ଚିତ ହେବାରେ ଲାଗିଛି। ଅତ୍ୟାଧୁନିକ ବୈଷୟିକ ବିଦ୍ୟାରେ ଅଗ୍ନି-୫ର ପରିବର୍ତ୍ତିତ ମଡେଲ ପ୍ରସ୍ତୁତି ପଛରେ ରହିଛନ୍ତି ମହିଳା ବୈଜ୍ଞାନିକ ସୀନା ରାଣୀ। କେରଳ ତିରୁଅନନ୍ତପୁରମର ଏହି ମହିଳା ବୈଜ୍ଞାନିକ ଡିଆରଡିଓର ଜଣେ ବରିଷ୍ଠ ଅଧିକାରୀ ଭାବେ ଏବେ ହାଇଦରାବାଦସ୍ଥିତ ଆଡଭାନ୍ସଡ୍ ସିଷ୍ଟମସ୍ ଲାବୋରେଟୋରୀ(ଏଏସଏଲ)ର ମିସାଇଲ ପ୍ରୋଗ୍ରାମ୍ ନିର୍ଦ୍ଦେଶକ ରହିଛନ୍ତି। ପୂର୍ବରୁ ସେ ତିରୁଅନନ୍ତପୁରମରେ ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟରରେ ୮ ବର୍ଷ ଧରି କାର୍ଯ୍ୟ କରିବା ପରେ ୧୯୯୯ରେ ଡିଆରଡିଓରେ ଯୋଗ ଦେଇଥିଲେ। ଇଲେକ୍‌ଟ୍ରୋନିକ୍ସ ଓ ଯୋଗାଯୋଗ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ପ୍ରବୀଣ ଇଞ୍ଜିନିୟର ଭାବେ ସେ ଏହି ସମୟରୁ ଦେଶର କ୍ଷେପଣାସ୍ତ୍ର ପ୍ରକଳ୍ପ ମିଶନରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ୫୭ ବର୍ଷୀୟା ଏହି ବୈଜ୍ଞାନିକ ଜଣକ ୧୦ମ ଶ୍ରେଣୀ ପଢିବା ବେଳେ ନିଜ ବାପାଙ୍କୁ ହରାଇଥିଲେ। ତେବେ ମାଆଙ୍କ ସୀମିତ ସମ୍ବଳ ମଧ୍ୟରେ ସେ ତ୍ରିଭେନ୍ଦ୍ରମ ଇଞ୍ଜିନିୟରିଂ କଲେଜରୁ ଇଞ୍ଜିନିୟରିଂ ଶେଷ କରିଥିଲେ। ତାଙ୍କ ସ୍ୱାମୀ ମଧ୍ୟ ଜଣେ ବୈଜ୍ଞାନିକ ଏବଂ ସେ ଡିଆରଡିଓ କ୍ଷେପଣାସ୍ତ୍ର ପ୍ରକଳ୍ପରେ କାର୍ଯ୍ୟ କରୁଛନ୍ତି।



ଭାରତକୁ ଟକ୍କର ଦେଉଛନ୍ତି ମୁଇଜ୍ଜୁ !

# ତୁର୍କୀ ଡ୍ରୋନ୍ ଦ୍ୱାରା ଭାରତୀୟ ନୌସେନାର ଚାଲିଛି ଗୁପ୍ତଚରୀ

ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ଚାଲିଥିବା ବିବାଦ ବେଳକୁ ବେଳ ଜଟିଳ ହେବାରେ ଲାଗିଛି। ଯାହାକୁ ନେଇ ମାଳଦ୍ୱୀପର ପର୍ଯ୍ୟଟନ କ୍ଷେତ୍ର ଭାରୀ ମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ, ଏଠାକାର ପର୍ଯ୍ୟଟନ ବଜାର ଶେୟାରରେ ଭାରତର ଅଂଶ ଅନ୍ୟୂନ ୩୫ ପ୍ରତିଶତ ହ୍ରାସ ପାଇଛି। ଫଳରେ ମାଳଦ୍ୱୀପ ହୋଟେଲ ଶିଳ୍ପ ଠାରୁ ଆରମ୍ଭ କରି ସାଧାରଣ ଅର୍ଥନୀତି ବ୍ୟବସ୍ଥା ପ୍ରଭାବିତ ହେବାରେ ଲାଗିଛି। ଗୋଟିଏ ପକ୍ଷରେ ଚୀନ୍ ଋଣରେ ନିଜକୁ ବଳିୟାନ ମନେ କରୁଥିବା ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଏଭଳି ଘଟଣାକୁ ନେଇ ବିରୋଧୀ ଦଳଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ସତ ; କିନ୍ତୁ ଅନ୍ୟପକ୍ଷରେ ତାଙ୍କର ଭାରତ ବିରୋଧୀ ମାନସିକତାରେ କୌଣସି ପରିବର୍ତ୍ତନ ଘଟି ନାହିଁ। ବରଂ ସେ ଭାରତକୁ ଟକ୍କର ଦେବା ଆଭିମୁଖ୍ୟ ନେଇ ଭାରତ ବିରୋଧୀ ଷଡଯନ୍ତ୍ର କରିବା ଆରମ୍ଭ କରିଦେଇଛନ୍ତି। ମାଳଦ୍ୱୀପ ଏହାମଧ୍ୟରେ ତୁର୍କୀଠାରୁ ବେକରଟାର ଟିବି-୨ ଯୁଦ୍ଧ ଡ୍ରୋନ୍ କିଣିଛି। ଯାହାକୁ ଭାରତ ମହାସାଗରରେ ମୁତୟନ କରାଯିବ ବୋଲି ସୂଚନା ମିଳିଛି। ଚୀନ୍ ବୁଦ୍ଧିରେ ପଡ଼ି ମାଳଦ୍ୱୀପ ଭାରତୀୟ ନୌସେନାର ଗୁପ୍ତଚରୀ କରିବାକୁ ଷଡ଼ଯନ୍ତ୍ର ରଚିଥିବା ଭାରତ ଆଶଙ୍କା କରୁଛି। ମୁଇଜ୍ଜୁ ସରକାର 'ସର୍ଭେଲାନ୍ସ' ପାଇଁ ଏଭଳି କରୁଥିବା କହୁଥିଲେ ହେଁ ପ୍ରକୃତରେ ଏହାର ଉଦ୍ଦେଶ୍ୟ ମନ୍ଦ ଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ନଭେମ୍ବରରେ ମୁଇଜ୍ଜୁଙ୍କ ତୁର୍କୀ ଗସ୍ତ ସମୟରେ ସେ ସେଠାକାର ଏକ ଡ୍ରୋନ୍ କମ୍ପାନୀ ସହିତ ଚୁକ୍ତି କରିଥିଲେ। ତେବେ ମାଳଦ୍ୱୀପ ସରକାର ଏହି ଚୁକ୍ତି ସମ୍ପର୍କରେ ତଥ୍ୟ ପ୍ରକାଶ କରି ନାହାନ୍ତି। ତୁର୍କୀ ମିଡ଼ିଆ ଏହା ପ୍ରକାଶ କରିଥିଲା। ଚୁକ୍ତି ଅନୁସାରେ ମାଳଦ୍ୱୀପର ସାମୁଦ୍ରିକ କ୍ଷେତ୍ରରେ ସର୍ଭେଲାନ୍ସ ପାଇଁ ନୁନୁ ଏଟୋଲ ମାଫାରୁଠାରେ ଏକ ଡ୍ରୋନ୍ ଘାଟି ସ୍ଥାପନ ପାଇଁ ପ୍ରୟାସ କରାଯାଉଛି। ଏହା ମାଳଦ୍ୱୀପର ସ୍ୱତନ୍ତ୍ର ଅର୍ଥନୈତିକ ଜୋନରେ ୯ ନିୟୁତ ବର୍ଗ କିଲୋମିଟର ଅଞ୍ଚଳରେ ସର୍ଭେଲାନ୍ସ କରିବ। ଭାରତ ମିନିକୟ ଦ୍ୱୀପ ମାଳଦ୍ୱୀପର ଡ୍ରୋନ୍ ଘାଟି ଠାରୁ ୨୭୫ କିଲୋମିଟର ଦୂରରେ ରହିଛି। ଫଳରେ ଏହି ଘାଟି ଦ୍ୱାରା ଭାରତର ପ୍ରତିରକ୍ଷା ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଏନେଇ ମନୋହର ପାରିକର ଇନଷ୍ଟିଚ୍ୟୁଟ ଫର୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ ଆନାଲିସିସର ବରିଷ୍ଠ ଫେଲୋ ମେଜର ଜେନେରାଲ ଡ. ମନଦୀପ୍ ସିଂ ମାଳଦ୍ୱୀପକୁ ଚେତାବନୀ ଦେଇଛନ୍ତି।



# ଆଣବିକ ପରୀକ୍ଷଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି ଅନେକ ଦେଶ

● ବୁଲେଟିନ୍ ଅଫ୍ ଦି ଆଟମିକ୍ ସାଇଣ୍ଟିଷ୍ଟ ଜର୍ଣ୍ଣାଲର ରିପୋର୍ଟ



ଆଣବିକ ଶକ୍ତି ସଂପନ୍ନ ଅନେକ ଦେଶ ପରମାଣୁ ବୋମାର ପରୀକ୍ଷାମୂଳକ ବିସ୍ଫୋରଣ ଘଟାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟ ପରମାଣୁ ବୋମା ପରୀକ୍ଷଣ ନିମନ୍ତେ ସୁଯୋଗ ଅପେକ୍ଷାରେ ଥାଇପାରନ୍ତି। ପରମାଣୁ ପରୀକ୍ଷଣ ବ୍ୟାନ୍ ନିମନ୍ତେ ଏକ ଅନ୍ତର୍ଜାତୀୟ ରାଜିନାମା(କମ୍ପ୍ରିହେନସିଭ୍ ଟେଷ୍ଟ ବ୍ୟାନ୍ ଟ୍ରିଟି ବା ସିଟିବିଟି) ଥିବା ସତ୍ତ୍ୱେ ବିଭିନ୍ନ ଦେଶର ପରମାଣୁ ପରୀକ୍ଷଣ ସ୍ଥଳର ଉପଗ୍ରହ ଚିତ୍ରରୁ ଜଣାପଡୁଛି ଯେ ଆମେରିକା, ରୁଷ ଓ ଚୀନ ୨୦୨୧ ପରଠାରୁ ସେମାନଙ୍କ ଟେଷ୍ଟ ସାଇଟରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଭାରତ ଓ ପାକିସ୍ତାନ ଶେଷଥର ପାଇଁ ମେ ୧୯୯୮ରେ ପରମାଣୁ ବୋମା ପରୀକ୍ଷଣ କରିଥିଲେ। ଭାରତ ଓ ପାକିସ୍ତାନ ସିଟିବିଟିରେ ସ୍ୱାକ୍ଷର କରିନାହାନ୍ତି। ୧୯୯୮ରେ ପରମାଣୁ ବୋମାର ସଫଳ ପରୀକ୍ଷଣ ପରେ ଅନିର୍ଦ୍ଦିଷ୍ଟକାଳ ଯାଏ ପରମାଣୁ ପରୀକ୍ଷଣ ବନ୍ଦ ରଖିବାକୁ ଭାରତ ନିଷ୍ପତ୍ତି ନେଇଛି। କିନ୍ତୁ ତରବରରେ ନିଆଯାଇଥିବା ଏହି ଅଦରକାରୀ ନିଷ୍ପତ୍ତି ନେଇ ଭାରତୀୟ ବୈଜ୍ଞାନିକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଦରକାର ପଡ଼ିଲେ କିମ୍ବା ସେଭଳି ପରିସ୍ଥିତି ଆସିଲେ ଭାରତ ତା'ର ନିଷ୍ପତ୍ତି ବଦଳାଇ ପୁଣି ପରମାଣୁ ବୋମା ପରୀକ୍ଷା କରିପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ବର୍ତ୍ତମାନ ରୁଷ ଓ ଚୀନ ସେମାନଙ୍କ ପରମାଣୁ ପରୀକ୍ଷା ସ୍ଥଳରେ ଭୂତଳ ଟନେଲ ସମ୍ପ୍ରସାରଣ କାର୍ଯ୍ୟ ଚଳାଇଛନ୍ତି। ରୁଷ ୨୦୨୩ ନଭେମ୍ବରରେ ସିଟିବିଟିରୁ ଓହରିଯାଇଛି। ଆମେରିକା ମଧ୍ୟ ନେଭାଡା ଟେଷ୍ଟ ସାଇଟରେ ତାହାର ପରମାଣୁ ଅସ୍ତ୍ର ଭଣ୍ଡାରରେ ଗଚ୍ଛିତ ଥିବା ୱାରହେଡସବୁ ବ୍ୟବହାରଯୋଗ୍ୟ ଅବସ୍ଥାରେ ରହିଛି କି ନାହିଁ, କିପରି ସେସବୁର ସୁପରିଚାଳନା କରିହେବ ତାହା ପରଖୁଛି। ପରମାଣୁ ପରୀକ୍ଷଣ ପାଇଁ ଆମେରିକାର ଏବେ କୌଣସି ଯୋଜନା ନାହିଁ। କିନ୍ତୁ ଶତ୍ରୁଭାବାପନ୍ନ କୌଣସି ଦେଶ ପରମାଣୁ ପରୀକ୍ଷଣ କଲେ ଆମେରିକା ମଧ୍ୟ ନୂଆ ପରମାଣୁ ବୋମା ପରୀକ୍ଷା କରିବ, ଏଥିରେ ସନ୍ଦେହ ନାହିଁ। ଏକବିଂଶ ଶତାବ୍ଦୀରେ ଅର୍ଥାତ୍ ୨୦୦୦ ମସିହା ପରଠାରୁ ଉତ୍ତରକୋରିଆ ହିଁ ଏକମାତ୍ର ଦେଶ ଯିଏ ପରମାଣୁ ବୋମା ପରୀକ୍ଷା କରିଛି ଓ ପୁଣି କରିବାକୁ ପ୍ରସ୍ତୁତି ଚଳାଇଛି। ଆଗାମୀ ଦିନରେ ଉତ୍ତରକୋରିଆ ତାହାର ସପ୍ତମ ପରମାଣୁ ବୋମା ପରୀକ୍ଷା କରିବାକୁ ଯାଉଛି। ବୁଲେଟିନ୍ ଅଫ୍ ଦି ଅଟମିକ୍ ସାଇଣ୍ଟିଷ୍ଟ ନାମକ ଜର୍ଣ୍ଣାଲର ସଦ୍ୟତମ ରିପୋର୍ଟରେ ଏହା ଉଲ୍ଲେଖ ହୋଇଛି। ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ଓ ମାନହଟାନ୍ ପ୍ରୋଜେକ୍ଟ ସହ ସଂପୃକ୍ତ ବୈଜ୍ଞାନିକମାନେ ଏହି ଜର୍ଣ୍ଣାଲର ପ୍ରକାଶନ ୧୯୪୫ରେ ଆରମ୍ଭ କରିଥିଲେ। ମାନହଟାନ୍ ପ୍ରୋଜେକ୍ଟରେ ପ୍ରଥମ ପରମାଣୁ ବୋମାର ଡିଜାଇନ ପ୍ରସ୍ତୁତ ହୋଇ ତାହାକୁ ବିକଶିତ କରାଯାଇଥିଲା।

## ବୃହସ୍ପତିର ଚନ୍ଦ୍ରରେ ଦିନକୁ ପ୍ରସ୍ତୁତ ହେଉଛି ହଜାରେ ଟନ୍ ଅମ୍ଳଜାନ



ନାସାର 'ଜୁନୋ ମିଶନ'କୁ ବଡ଼ ସଫଳତା ମିଳିଛି। ବୃହସ୍ପତିର ଉପଗ୍ରହ ତଥା ଚନ୍ଦ୍ର 'ୟୁରୋପା' ବିଷୟରେ ଏହି ଯାନ ରୋଚକ ତଥ୍ୟ ଦେଇଛି। ଏହି ଚନ୍ଦ୍ରରେ ୨୪ ଘଣ୍ଟାରେ ଏକ ହଜାର ଟନ୍ ଅମ୍ଳଜାନ ପ୍ରସ୍ତୁତ ହେଉଛି। ଏହି ଅମ୍ଳଜାନରେ ଲକ୍ଷେ ଲୋକ ଦିନକ ପାଇଁ ନିଶ୍ୱାସପ୍ରଶ୍ୱାସ ନେଇପାରିବେ। ତେବେ ଏହି ତଥ୍ୟ ପୂର୍ବରୁ ବୈଜ୍ଞାନିକମାନେ କରିଥିବା ଆକଳନ ତୁଳନାରେ ବହୁତ କମ୍। ନେଚର ଆଷ୍ଟ୍ରୋନମିରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ୟୁରୋପାରେ ପ୍ରତି ସେକେଣ୍ଡରେ ୧୨ କେଜି ଅମ୍ଳଜାନ ପ୍ରସ୍ତୁତ ହେଉଛି। ୟୁରୋପାରେ ଅମ୍ଳଜାନ ମିଳିବା ଆଶ୍ଚର୍ଯ୍ୟର ବିଷୟ। କାରଣ ବିଶ୍ୱର ବରଫ ପରସ୍ତ ତଳେ ଏବଂ ପଥର ପରସ୍ତ ଉପରେ ଏକ ମହାସାଗର ରହିଛି ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏବେ ସମୁଦ୍ର ତଳେ ଜୀବନଦାୟୀ ଉପାଦାନ ରହିଛି କି ନାହିଁ ତାହା ଜାଣିବାକୁ ଚାହୁଁଛନ୍ତି। ନାସା ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ ୟୁରୋପାକୁ ଅନ୍ୟ କେଉଁ ଉତ୍ସରୁ ଅମ୍ଳଜାନ ମିଳୁଥାଇପାରେ। ବୃହସ୍ପତିର ବରଫ ଖଣ୍ଡ ମଧ୍ୟରେ ଧକ୍କା, ପାଣିର କଣିକା ୨ ଭାଗରେ ବିଭକ୍ତ ହେବାରୁ କିମ୍ବା ଅମ୍ଳଜାନ ଉତ୍ପନ୍ନ ପ୍ରକ୍ରିୟା ଦ୍ୱାରା ଏହା ମିଳୁଥାଇପାରେ। ପ୍ରିନ୍ସଟନ ୟୁନିଭର୍ସିଟିର ବୈଜ୍ଞାନିକ ଜାମେ ଜାଲେ କହିଛନ୍ତି ଯେ ୟୁରୋପା ଏକ ବରଫ ବଲ୍ ଭଳି। ଏହା ଧିରେ ଧିରେ ଜଳ ଧାରା ହରାଇବାରେ ଲାଗିଛି। ବୃହସ୍ପତିର ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଆକର୍ଷିତ ହୋଇ ଏକ ତରଳ ପଦାର୍ଥ ୟୁରୋପା ଚାରିପଟେ ଘୂରି ବୁଲୁଛି।

ବୈଜ୍ଞାନିକ ଖୋଜିଲେ ନୂଆ ଗ୍ରହ

# ରହିଛି ଉତ୍ତପ୍ତ ମହାସାଗରର

## ସର୍ବାଧିକ ତାପମାତ୍ରା ୪ ହଜାର ଡିଗ୍ରୀ ସେଲ୍‌ସିୟସ ଆଶଙ୍କା

ପୃଥିବୀ ବାହାରେ ଜୀବନର ସନ୍ଧାନ କରୁଥିବା ବୈଜ୍ଞାନିକଙ୍କୁ ସଫଳତା ମିଳିଛି। ପ୍ରଥମ ଥର ପାଇଁ ଏକ ବାହ୍ୟ ଗ୍ରହର ସନ୍ଧାନ କରାଯାଇଛି। ଏହି ଗ୍ରହରେ ଜୀବନ ସମ୍ଭବ ହେବ ବୋଲି ଆଶଙ୍କା କରାଯାଉଛି। ଏଥିରେ ଫୁଟୁଥିବା ପାଣିର ମହାସାଗର ଥିବା ସମ୍ଭାବନା ରହିଛି। ଆମେରିକା ମହାକାଶ ଏଜେନ୍ସି ନାସାର ଜେମ୍ସ ୱେବ୍ ଟେଲିସ୍କୋପ ଏହି ଗ୍ରହର ସନ୍ଧାନ କରିଛି। ବୈଜ୍ଞାନିକମାନେ ଏହାର ନାମ ଟିଓଆଇ-୨୭୦ ରଖିଛନ୍ତି। ତଥ୍ୟ ବିଶ୍ଳେଷଣ ପରେ ଏହି ଗ୍ରହର ବାୟୁମଣ୍ଡଳରେ ମିଥେନ ଏବଂ ଅଙ୍ଗାରକାମ୍ଳ ସହିତ ପାଣି ବାଷ୍ପ ଆକାରରେ ରହିଛି ବୋଲି ବୈଜ୍ଞାନିକମାନେ ଆଶଙ୍କା କରିଛନ୍ତି। କେମ୍ବ୍ରିଜ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି ଯେ ଏହି ଗ୍ରହର ଗଠନ ଭିନ୍ନ ରହିଛି। ମହାସାଗରର ଚାରିପଟେ ହାଇଡ୍ରୋଜେନ ଭର୍ତ୍ତି ହୋଇଥିବା ବାୟୁମଣ୍ଡଳର ପରସ୍ତ ଅଛି। ଏହି ବିଶ୍ଳେଷଣର ନେତୃତ୍ୱ ନେଇଥିବା ପ୍ରଫେସର ନିକୁ ମଧୁସୂଦନ କହିଛନ୍ତି ଯେ ଏହି ଗ୍ରହରେ ଥିବା ମହାସାଗରର ତାପମାତ୍ରା ୧୦୦ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ହୋଇପାରେ। ଏଠାକାର ପରିବେଶ ବାସପଯୋଗୀ ନୁହେଁ। ତେବେ ଏହା ଉପରେ ଅଧ୍ୟୟନ ଜାରି ରହିଛି।

କାନାଡ଼ା ଗବେଷକଙ୍କ ଟିମ୍ ପକ୍ଷରୁ କୁହାଯାଇଛି ଯେ ଏହି ଗ୍ରହର ତାପମାତ୍ରା ବହୁତ ଅଧିକ ରହିଛି। ଏଠାରେ ପାଣି ତୁରନ୍ତ ବାଷ୍ପ ପାଲଟି ଉଡ଼ିଯିବ। ଏହାର ସର୍ବାଧିକ ତାପମାତ୍ରା ୪ ହଜାର ଡିଗ୍ରୀ ସେଲସିୟସ ହୋଇପାରେ ବୋଲି ମଧ୍ୟ ଆଶଙ୍କା କରାଯାଉଛି। ଏବେ ବୈଜ୍ଞାନିକମାନେ ଗ୍ରହର ଆଲୋକ ଉପରେ ଗବେଷଣା ଜାରି ରଖିଛନ୍ତି। ଏହା ପରେ ଏ ବିଷୟରେ ଅଧିକ ସୂଚନା ମିଳିପାରିବ ବୋଲି କୁହାଯାଉଛି। ଏଥିରୁ ଗ୍ରହରେ ଜୀବନ ସମ୍ଭବ କି ନୁହେଁ ତାହା ଜଣାପଡ଼ିବ। ଟିଓଆଇ-୨୭୦ ଗ୍ରହରେ ଆମୋନିଆ ନାହିଁ। କାରଣ ହାଇଡ୍ରୋଜେନ ପୂର୍ଣ୍ଣ ବାୟୁମଣ୍ଡଳ ତଳେ ମହାସାଗର ରହିଛି।





# ଆର୍କଟିକ ପାଇଁ ବିପଦ

## ୧୦ ବର୍ଷରେ ଶେଷ ହୋଇଯିବ ବରଫ

ବରଫ ପାହାଡ଼ ଆର୍କଟିକ ପ୍ରତି ବିପଦ ବଢ଼ିବାରେ ଲାଗିଛି। ଖୁବଶୀଘ୍ର ଆର୍କଟିକରୁ ବରଫ ପାହାଡ଼ ନିଶ୍ଚିହ୍ନ ହୋଇଯିବା ଭଳି ସ୍ଥିତି ସୃଷ୍ଟି ହେବାରେ ଲାଗିଛି। ଜଳ ବାୟୁ ପରିବର୍ତ୍ତନର ବର୍ତ୍ତମାନର ଧାରା ଜାରି ରହିଲେ ଆଗାମୀ ୧୦ ବର୍ଷରେ ଆର୍କଟିକ ବରଫ ଶୂନ୍ୟ ହୋଇଯିବ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଏହି ଅଧ୍ୟୟନ 'ନେଚର ରିଭ୍ୟୁ ଆର୍ଥ ଆଣ୍ଡ ଏନଭାରମେଣ୍ଟ' ପତ୍ରିକାରେ ପ୍ରକାଶ ପାଇଛି। ଏହା ପଛରେ ସବୁଜ କୋଠରି ଗ୍ୟାସ (ଗ୍ରୀନହାଉସ ଗ୍ୟାସ)ର ପ୍ରମୁଖ ଭୂମିକା ରହିଛି। ଏହା ପୂର୍ବରୁ ପ୍ରକାଶ ପାଇଥିବା ଅଧ୍ୟୟନରେ କୁହାଯାଇଥିଲା ଯେ ୨୦୫୦ ସେପ୍ଟେମ୍ବର ସୁଦ୍ଧା ଆର୍କଟିକରୁ ବରଫ ଉଭାନ ହୋଇପାରେ। ଶତାବ୍ଦୀ ଶେଷ ହେବା ପର୍ଯ୍ୟନ୍ତ କିମ୍ବା ସମ୍ପୂର୍ଣ୍ଣ ବର୍ଷଯାକ ଏହି ସ୍ଥିତି ରହିବାର ସମ୍ଭାବନା ମଧ୍ୟ ରହିଛି।

ଆମେରିକା କୋଲରାଡୋ ୟୁନିଭର୍ସିଟିର ଗବେଷକଙ୍କ ଅନୁଯାୟୀ ୨୦୩୦ ଅଗଷ୍ଟ ଶେଷ ସୁଦ୍ଧା କିମ୍ବା ସେପ୍ଟେମ୍ବର ପ୍ରାରମ୍ଭରେ ଆର୍କଟିକ ସାଗର ବରଫ ମୁକ୍ତ ହୋଇପାରେ। ତେବେ ବରଫ ସମ୍ପୂର୍ଣ୍ଣ ଭାବେ ଶେଷ ହେବ ନାହିଁ। ସମୁଦ୍ରର ୧୦ ଲକ୍ଷ ବର୍ଗ କିମିରୁ କମ୍ ଅଂଶରେ ବରଫ ରହିଲେ ତାହାକୁ 'ବରଫ ମୁକ୍ତ' କୁହାଯାଇଥାଏ। ଗତ କିଛି ବର୍ଷ ହେଲା ସେପ୍ଟେମ୍ବର ମାସରେ ବରଫ ସ୍ତର ହ୍ରାସ ପାଇ ଚାଲିଛି। ଆର୍କଟିକରେ ୩୩ ଲକ୍ଷ ବର୍ଗ କିମି କ୍ଷେତ୍ରରେ ବରଫ ଥିବା ରେକର୍ଡ କରାଯାଇଥିଲା। ଏପରି ହେଲେ ସ୍ଥିତି ଭୟଙ୍କର ହୋଇଯିବ। ଧଳା ଚାଦର ବିଛାଇ ହୋଇ ରହୁଥିବା ଆର୍କଟିକ ସମ୍ପୂର୍ଣ୍ଣ ନୀଳ ପାଲଟିଯିବ। ଏହି ସ୍ଥିତିରୁ ମୁକୁଳିବାକୁ ହେଲେ ସବୁଜ କୋଠରି ଗ୍ୟାସର ନିର୍ଗମନ ହ୍ରାସ କରିବାକୁ ପଡ଼ିବ। ବରଫ ହ୍ରାସ ହେଲେ ସାମୁଦ୍ରିକ ଜୀବନ ଉପରେ ଗଭୀର ପ୍ରଭାବ ପଡ଼ିବ। ସମୁଦ୍ର ବରଫ ଉପରେ ନିର୍ଭରଶୀଳ ଆର୍କଟିକ ଭାଲୁ, ସିଲ ଆଦିର ଜୀବନ ପ୍ରତି ବିପଦ ଦେଖାଦେବ। ଏହା ସହିତ ସମୁଦ୍ର ପଛକୁ ଘୁଞ୍ଚି ଘୁଞ୍ଚି ଚାଲିବ। ସମୁଦ୍ର ଲହରି ବୃଦ୍ଧି ପାଇବ। ଏହା ଦ୍ୱାରା ଏଠାରେ ରହୁଥିବା ଜୀବଙ୍କ ଉପରେ ସଙ୍କଟ ଦେଖାଦେବ। ତେବେ ଯଦି ପାଣିପାଗ ଶୀତଳ ରହେ, ପୁଣିଥରେ ବରଫ ଜମା ହୋଇଯିବ।

## ଏନ୍‌ଏସି ଘୋଷଣା ପରେ ରେଙ୍ଗାଲି ଓ ବାମରା ଉତ୍ସବମୁଖର

# ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲେ






**ବାମରା / ରେଙ୍ଗାଲି,୧୩ା୩(ସମିସ)**

ସମ୍ବଲପୁର ଜିଲ୍ଲାର ବାମରା ଓ ରେଙ୍ଗାଲିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା ପରେ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ ଖେଳି ଯାଇଛି । ଉଭୟ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ୫ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତାର ସୁଅ ଛୁଟୁଛି । ସବୁଠି ମିଷ୍ଟାନ ବଣ୍ଟନ, ନାଚଗୀତ, ଶୋଭାଯାତ୍ରା ମାନ ଅନୁଷ୍ଠିତ ହୋଇଛି । ଏକାଠି ହୋଇଛନ୍ତି ରାଜନେତା, ସାମାଜିକ କର୍ମୀ, ଜନ ସାଧାରଣ ଓ ବ୍ୟବସାୟୀ । ସନ୍ଧ୍ୟାରେ ଆତସବାଜିର ଆଲୋକରେ ଆକାଶ ଆଲୋକିତ ହୋଇ ଉଠିଛି । ଲୋକଙ୍କ ବହୁ ଦିନର ଦାବି ପୂରଣ ହୋଇଥିବାରୁ ସର୍ବତ୍ର ଉତ୍ସାହ ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ ରାଜ୍ୟର ୧୩ଟି ଜିଲ୍ଲାରେ ୨୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ଘୋଷଣା କରିଛନ୍ତି । ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଓ ଦାବି ହୋଇଥିଲା । ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ଅଞ୍ଚଳର ସାମଗ୍ରୀକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ୪୦ ବର୍ଷ ହେଲା ଏହି ଦାବି ନେଇ ଆନ୍ଦୋଳନ ହୋଇ ଆସୁଥିଲା । ଅତୀତରେ ଅନେକ ଥର ଏଥିପାଇଁ ରାସ୍ତାରୋକ, ରେଳରୋକ, ବିଭିନ୍ନ ଅଫିସ ଘେରାଉ କରାଯାଇଥିଲା । ଗତ ମାସରେ ଏଥିପାଇଁ ବନ୍ଦ ପାଳନ କରାଯାଇଥିଲା । ଅନେକ ଥର ଜନପ୍ରତିନିଧି ଓ ସ୍ଥାନୀୟ ନେତାଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଥିଲା । ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ବ୍ଲକ ଅଧ୍ୟକ୍ଷା ପିଙ୍କି ଧରୁଆ, ଜିଲ୍ଲା ପରିଷଦ ସଭ୍ୟ ଜନ୍ମଜୟ ଟପ୍ପୋ, ବିଜେଡି ବ୍ଲକ ସଭାପତି ଅରବିନ୍ଦ ସାହୁ, ଅକାଶ ଦିକ୍ଷିତ, ସମିତି ସଭ୍ୟ ଅଜୟ ସେଠ, ପୂର୍ବ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ଓକିଲ ସଂଘ ସଭାପତି ସୁଶାନ୍ତ ମାଝି ଓ ଧର୍ମେନ୍ଦ୍ର ବର୍ମା, ସାମ୍ବାଦିକ ସନ୍ତୋଷ ଶୁକ୍ଲା, ଚାଷୀ ନେତା କୁମାର ଚନ୍ଦ୍ର ପଟେଲ ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ନାଗରିକ କମିଟି ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ସଂପାଦକ ଜ୍ୟୋତି କୁମାର ଲାଠ, ବ୍ୟବସାୟୀ ସଂଘ ସଭାପତି ମନୋଜ ଚୌଧୁରୀ, ଶ୍ରବଣ ଚୌଧୁରୀ, ମନୋଜ ରାଜ, ବର୍ଷାତ ପ୍ରଧାନ, ରାଜୀବ ଚୌଧୁରୀ, ଗୋପାଳ ଅଗ୍ରୱାଲ, ଦିଲିପ ଅଗ୍ରୱାଲ, ରେଳ କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ କ୍ଷୀରୋଦ କୁମାର ସା, ବର୍ଷାତ ପ୍ରଧାନ, ମନୋଜ ରାଜ, ଶ୍ରବଣ ଚୌଧୁରୀ, ସଂଜୟ ଜୈନ, ଦିନେଶ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ଦିଲୀପ ଅଗ୍ରୱାଲ, ଶିବୁ ଅଗ୍ରୱାଲ, କୁମାର ଚନ୍ଦ୍ର ପଟେଲ, ସୁଶିଲ ପ୍ରସାଦ, ଭୁପେନ ଜିତ, ଦିନେଶ ପ୍ରସାଦ, ଭୋଲା ପ୍ରସାଦ, ସଂଜୟ ଅଗ୍ରୱାଲ ପ୍ରମୁଖ ସହରବାସୀ ଖୁସିବ୍ୟକ୍ତ କରିଛନ୍ତି ।

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ରେଙ୍ଗାଲିକୁ ଆଜି ରାଜ୍ୟ ସରକାର ଏନ୍‌ଏସି ଘୋଷଣା କରିଛନ୍ତି । ଦୀର୍ଘବର୍ଷର ଦାବି ପୂରଣ ହୋଇଛି । ରେଙ୍ଗାଲି ବାସୀ, ବିଭିନ୍ନ ସଂଗଠନ, ଉଭୟ ଜିଲ୍ଲା ପରିଷଦ ସଭ୍ୟ, ଏପରିକି କିଛିଦିନ ପୂର୍ବେ ରେଙ୍ଗାଲି ବ୍ଲକ ବିଜୁ ଜନତା ଦଳ ର ଲେଟର ପେଡ ରେ ରେଙ୍ଗାଲି ବିଜେଡ଼ି ବ୍ଲକ ସଭାପତି ମଧ୍ୟ ରେଙ୍ଗାଲିକୁ ଏନ୍‌ଏସି କରାଯାଉ ବୋଲି ଦାବି କରିଥିଲେ, ଏହିପରି ରେଙ୍ଗାଲି ର ସମସ୍ତ ବରିଷ୍ଠ ନାଗରିକ ମାନେ ବାରମ୍ବାର ଦାବି କରିଥିଲେ । ଶେଷରେ ସମସ୍ତ ଅପେକ୍ଷାର ଅନ୍ତ ହେଲା ଓ ରେଙ୍ଗାଲି କୁ ରାଜ୍ୟ ସରକାର ବୁଧବାର ଦିନ ଏନଏସି ଘୋଷଣା କରିଥିଲେ । ଆଜି ସନ୍ଧ୍ୟା ସମୟରେ ଫଟକା ଫୁଟାଇ, ସବୁଜ ରଙ୍ଗ ବୋଳାବୋଳି ହୋଇ ପ୍ରାୟ ୨ଘଣ୍ଟା ସମୟ ଧରି ରେଙ୍ଗାଲି ବସଷ୍ଟାଣ୍ଡ ରେ ଉତ୍ସବ ଭଳିଆ ମାନିଲେ ରେଙ୍ଗାଲି ର ବିଜେଡି କର୍ମୀ ଓ ରେଙ୍ଗାଲି ବାସି । ରେଙ୍ଗାଲି ବିଜେଡ଼ି ବ୍ଲକ ସଭାପତି ଅଶୋକ ଗୁରୁ, ମହେନ୍ଦ୍ର ଓରାମ, କିରଣ ବେହେରା, ରେଙ୍ଗାଲି ଯୋନ୧ ଜିଲ୍ଲା ପରିଷଦ ସଭ୍ୟ ଚୋଳଶ୍ରୀ ମହାନନ୍ଦ, ଯୋନ୨ ଜିଲ୍ଲା ପରିଷଦ ସଭ୍ୟ ଦେବ ନାରାୟଣ ତିୱାରି, ଏମ.ବି. ସତ୍ୟମ, ନାରାୟଣ ଶର୍ମା, ଗାନ୍ଧୀ ବେହେରା, ଗୋବର୍ଦ୍ଧନ ସାହୁ, ଶୁଶୀଲ କିଷାନ, ଶେଷଦେବ ପଧାନ, ପ୍ରଦୀପ ସାହୁ, ଫଣିନ୍ଦ୍ର ପଟ୍ଟନାୟକ, ସୁନୀଲ ପଧାନ, ସନ୍ତୋଷ ବର୍ମା, ଡୋଳାମଣି ଖମାରୀ, ତାରା ପଟ୍ଟନାୟକ ପ୍ରମୁଖଙ୍କ ସହ ଶହ ଶହ ବିଜେଡି କର୍ମୀ ଓ ରେଙ୍ଗାଲି ଗ୍ରାମବାସୀ ଉପସ୍ଥିତ ରହିଥିଲେ । ଏନଏସି ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ମତଦାତା ସଚେତନତା ଅଭିଯାନ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୩ା୩(ସମିସ):** ଶାସନ ସ୍ଥିତ ଅଜିତପୁରରେ ଆଥଲେଟିକ ଆସୋସିଏସନ କ୍ଲବରେ ଆଜି ମତଦାତା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଏହି ମତଦାତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସମ୍ବଲପୁର ନେହେରୁ ଯୁବ କେନ୍ଦ୍ର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶାସନ ସ୍ଥିତ ଆଦିତ୍ୟ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ସହକାରୀ ଅଧ୍ୟକ୍ଷ ସଂଜୀବ ନାଏକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆସନ୍ତା ନିର୍ବାଚନରେ ନିଜ ନିଜର ସାମ୍ବିଧାନିକ ଅଧିକାର କିପରି ସାବ୍ୟସ୍ତ କରିବେ ସେ ଉପରେ ସଚେତନତା ସୃଷ୍ଟି କରିଥିଲେ । ଶାସନ ଗ୍ରାମପଞ୍ଚାୟତ ଅଧୀନସ୍ଥ ପ୍ରାୟ ଦଶରୁ ଉର୍ଦ୍ଧ ଗ୍ରାମରୁ ଶତାଧିକ ଭୋଟର ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଆଜିଠାରୁ ଆରମ୍ଭ ହୋଇ ମତଦାତା ସଚେତନତା ସୃଷ୍ଟି ଅଭିଯାନ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମ ଆୟୋଜନ ରେ କ୍ଲବ ସଦସ୍ୟ ଦୁଷ୍ମନ୍ତ ହୋତା, ସୁକାନ୍ତ କୁମାର ହୋତା, ସୁଶାନ୍ତ କୁମାର ହୋତା, ମହେନ୍ଦ୍ର କୁମାର ମିଶ୍ର, ତ୍ରିବିକ୍ରମ ପୋଢ଼ ଓ ସମ୍ବଲପୁର ନେହେରୁ ଯୁବ କେନ୍ଦ୍ର ସଦସ୍ୟ କିଶୋର ଛତର ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

## ଆୟୁଷ ଡାକ୍ତର କରୁଛନ୍ତି ଆଲୋପାଥିକ ଚିକିତ୍ସା

# ବାରମ୍ବାର ଅଭିଯୋଗ ପରେ ବି ଆଖି ବୁଜି ଦେଇଛି ବିଭାଗ

**ଜମନକିରା, ୧୩।୩ (ସମିସ):** ବର୍ତ୍ତମାନ ଜମନକିରା ସ୍ୱାସ୍ଥ୍ୟକେନ୍ଦ୍ରଟି ବିଭିନ୍ନ କାରଣକୁ ବିବାଦରେ ରହିଥିବାବେଳେ ପୁଣି ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଆୟୁଷ ଡାକ୍ତର ଆଲୋପ୍ୟାଥିକ ଚିକିତ୍ସା କରୁଥିବା ନେଇ ଅଭିଯୋଗ ହୋଇଛି । ଏନେଇ ଖୋଦ୍ ମେଡିକାଲ ଅଫିସର ସିଡିଏମଓ ତଥା ବିଭାଗକୁ ଚିଠି ଲେଖି ଏହାକୁ ବନ୍ଦ କରାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଅନୁରୋଧ କରିଥିବା ଜଣାଯାଇଛି । ଅଭିଯୋଗ ପରେ ସମ୍ପୃକ୍ତ ଆୟୁଷ ଡାକ୍ତରଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜଣାପଡ଼ିଛି । ଏପରିକି ସିଡିଏମଓ ବଦଳିଲା ପରେ ସମ୍ପୃକ୍ତ ଫାଇଲ ନାଳିଫିତା ତଳେ ଚାପି ହୋଇଯାଇଥିବା କୁହାଯାଉଛି । ସୂଚନା ଅନୁସାରେ ଜମନକିରା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ଆୟୁଷ ଡାକ୍ତର ଦିବ୍ୟରଂଜନ ବେହେରା ଆଲୋପ୍ୟାଥିକ ଚିକିତ୍ସା କରୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଛି । ତାଙ୍କ ପାଖରେ ଆଲୋପ୍ୟାଥିକ ଚିକିତ୍ସା ନେଇ କୌଣସି ଲାଇସେନ୍ସ କିମ୍ବା ଡିଗ୍ରୀ ନଥିବା ଅଭିଯୋଗ ହେବା ସହ ଏନେଇ ସେଠାରେ କାର୍ଯ୍ୟରତ ମେଡିକାଲ ଅଫିସର ଡାକ୍ତର ସିଦ୍ଧାର୍ଥ ବେହେରା ଗତ ବର୍ଷ ମାର୍ଚ୍ଚ ମାସରେ ଲିଖିତ ଭାବରେ ଅଭିଯୋଗ କରିଥିଲେ । ଏପରିକି ଆଲୋପ୍ୟାଥିକ ଚିକିତ୍ସା ବାବଦରେ ଜ୍ଞାନ ନଥିବା ସତ୍ତ୍ୱେ ସେ ରୋଗୀଙ୍କୁ ଆଲୋପ୍ୟାଥିକ ଚିକିତ୍ସା ଦେବା ସହ ମେଡିସିନ




ଲେଖିଥିବା ଅଭିଯୋଗ ହୋଇଥିଲା । ତେବେ ଅଭିଯୋଗ ପରେ ସେ ସେହି କାର୍ଯ୍ୟ ଜାରି ରଖିଥିବା ମେଡିକାଲ ଅଫିସର ପତ୍ରରେ ଉଲ୍ଲେଖ କରିବା ସହ ୭ ପୃଷ୍ଠା ବିଶିଷ୍ଟ ଏକ ଅଭିଯୋଗ ପତ୍ର ସିଡିଏମଓ, ଫାଶିମାଲ ସିଏଚସିର ଅଧିକ୍ଷକ, ଡିପିଏମଙ୍କୁ ଲେଖିଥିଲେ । ଏନେଇ ସେହି ସମୟରେ ଅଧିକ୍ଷକ ଆସି ତଦନ୍ତ କରିବା ସହ ସମ୍ପୃକ୍ତ ଆୟୁଷ ଡାକ୍ତରଙ୍କ କାର୍ଯ୍ୟ ପରିଧି କଣ ରହିବ ସେନେଇ ଏକ ନିର୍ଦ୍ଦେଶନାମା ଜାରି କରିବାକୁ ମେଡିକାଲ ଅଫିସରଙ୍କୁ କହିଥିଲେ । ଏହା ସହ ଅନ୍ୟ କର୍ମଚାରୀଙ୍କ କାର୍ଯ୍ୟପରିଧି ବାବଦରେ ମଧ୍ୟ ଉଲ୍ଲେଖ ରହିଥିଲା । ହେଲେ ସମ୍ପୃକ୍ତ ଆୟୁଷ ଡାକ୍ତର ଏଥିରେ ଅସହମତି ପ୍ରକାଶ କରି ମେଡିକାଲ ଅଫିସରଙ୍କ ନିର୍ଦ୍ଦେଶନାମାରେ ଦସ୍ତଖତ କରିନଥିବା ମେଡିକାଲ ଅଫିସର କହିଛନ୍ତି । ସେହିଦିନ ଠାରୁ ସମ୍ପୃକ୍ତ ଅଭିଯୋଗ ଉପରେ କୌଣସି ପୁନଃ ତଦନ୍ତ କରାଯାଇନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଏଠି ପ୍ରଶ୍ନ ଉଠୁଛି ଯଦି ଜଣେ ଆୟୁଷ ଡାକ୍ତର ଏମ୍‌ସିଆଇ ଗାଇଡଲାଇନକୁ ଭ୍ରୁକ୍ଷେପ ନକରି ଏଲୋପେଥିକ ଚିକିତ୍ସା କରୁଛନ୍ତି ତେବେ ବିଭାଗ ଜାଣିଶୁଣି କେମିତି ତାଙ୍କୁ ଏସବୁ କରିବାକୁ ଅନୁମତି ଦେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କୌଣସି ରୋଗୀଙ୍କ ସାଙ୍ଗରେ ଅଘଟଣ ଘଟିବା ପୂର୍ବରୁ ଏହି ବେଆଇନ ଚିକିତ୍ସାକୁ ବନ୍ଦ କରାଯାଉ ବୋଲି ଦାବି ହେଉଛି ।

## ଖର୍ଲା ନଦୀ ବରଘାଟରେ ବିଜୁସେତୁ ପାଇଁ ଅର୍ଥ ମଞ୍ଜୁର

### ଉପକୃତ ହେବେ ୮ ଗ୍ରାମବାସୀ

**କୁଚିଣ୍ଡା, ୧୩।୩(ସମିସ):** କୁଚିଣ୍ଡା ଉପଖଣ୍ଡ କୁଚିଣ୍ଡା ପଞ୍ଚାୟତ ସମିତି ତେଲି ତିଳେଇମାଲ ଗ୍ରାମପଞ୍ଚାୟତର ବିଚ୍ଛିନ୍ନାଞ୍ଚଳ ଭାବେ ଜଣାଶୁଣା ବରଘାଟ, କଟୁନଗର, ବାଲିତୁଆଁ ତେଲି ତିଳେଇମାଲ ଗ୍ରାମପଞ୍ଚାୟତରେ ସାମିଲ ହୋଇଥିଲେ ହେଁ ବର୍ଷା ଦିନରେ ଏମାନେ କୌଣସି କାମ ପାଇଁ ଗ୍ରାମପଞ୍ଚାୟତ କୁ ଆସିବାକୁ ହେଲେ ବହୁତ ଅସୁବିଧା ସମ୍ମୁଖୀନ ଭୋଗୁଥିଲେ



କାରଣ ଏମାନଙ୍କୁ ବାଧା ଦେଉଥିଲା ଖର୍ଲା ନଦୀଫ । ଏବେ ଆଉ ଏମାନଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ନାହିଁ । ସେଥିପାଇଁ ରାଜ୍ୟ ସରକାର ଅଞ୍ଚଳର ବିକାଶ ପାଇଁ ଓ ଅଞ୍ଚଳବାସୀ ଙ୍କ ସୁବିଧା ପାଇଁ ଖର୍ଲା ନଦୀ ଉପରେ ୩୯୫୧୯୯୫୫.୪୯ ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ନିର୍ମାଣ କରିବାକୁ ଯାଉଛନ୍ତି ଯାହାର ଦୈର୍ଘ୍ୟ ୬୫.୨୫ ମିଟର ଓ ପ୍ରସ୍ଥ ୮.୪୫ ମିଟର ରହିଛି । ବିଜୁ ସେତୁ ହେବା ଦ୍ୱାରା ଗ୍ରାମପଞ୍ଚାୟତ କୁ ଅତି ଅଳ୍ପ ସମୟ ମଧ୍ୟରେ ଯାଆସ କରିପାରିବା ସହ ବ୍ଲକ ହେଡ କ୍ୱାଟର ମଧ୍ୟ ପାଖାପାଖି ୧୦କିମି ପଡ଼ିବ । ବରଘାଟ ଠାରୁ ଆରମ୍ଭ କରି ବାଲିତୁଆଁ, ଆନନ୍ଦପୁର, କାପୁଟିକ୍ରା ହୋଇ କୁଚିଣ୍ଡା ବେଶ ଆରାମରେ ଯିବା ସହ ଉକ୍ତ ରାସ୍ତାର ମଧ୍ୟ କାମ ହୋଇପାରିବ । ଏଥିନିମନ୍ତେ ଓଡ଼ିଶା ସରକାର ଙ୍କ ଠାରୁ ବିତ୍ତୀୟ ସାହାଯ୍ୟ ପ୍ରାପ୍ତିର ପରିମାଣ ୪୩୯୦୧୮୩.୮୦ ଟଙ୍କା ସାହାଯ୍ୟ କରାଯାଇଥିଲା ବେଳେ ଏହାକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଧିକ୍ଷୀଣ ଯନ୍ତ୍ରୀ ଗ୍ରାମ୍ୟ ଉନୟନ ବିଭାଗ କୁଚିଣ୍ଡା ଦ୍ୱାରା ନିର୍ବାହ ହେଉଥିବା ବେଳେ ଠିକାଦାର ଯୀଶୁକ୍ରୀଷ୍ଟ ପାତ୍ର ଙ୍କୁ ନିର୍ମାଣ ଦାଇତ୍ୱ ଦିଆଯାଇଛି । କାର୍ଯ୍ୟ ଟି ୫/୨/୨୪ ରେ ଆରମ୍ଭ ହୋଇ ୪/୨/୨୫ ରେ ସମାପ୍ତ କରିବାର ଯୋଜନା ରଖାଯାଇଛି । ଅଞ୍ଚଳବାସୀ ଙ୍କ କହିବା କଥା ହେଲା ସେତୁ ହେଲେ ଆମେ ତଥା ଅଞ୍ଚଳବାସୀ ଉପକୃତ ହେବୁ । ହେଲେ ସାମନ୍ୟ ଟିକିଏ ଆଗକୁ ତଥା କଟୁନଗର ସ୍କୁଲ ପାଖରେ ଥିବା ସ୍କୁଲ ପାଖକୁ ନଦୀ କୂଳ ଖାଇ ନଷ୍ଟ କରିବା ଉପରେ ହେଲେ ଏନେଇ ଠିକା ସଂସ୍ଥା କିମ୍ବା ନିର୍ବାହୀ ଅଧିକାରୀଙ୍କୁ ଯେମିତି ଆଉ କୂଳ ନ ଖାଇବ କିମ୍ବା କାହାରି କ୍ଷତି କିଛି ନହେବ ସେ ନେଇ ବନ୍ୟା ପ୍ରତିରୋଧକ କାନ୍ଥ ତିଆରି ହେଲେ ଆମେ ଅଞ୍ଚଳ ବାସୀ ଅଧିକ ଖୁସି ହୁଅନ୍ତି ବୋଲି ସମସ୍ତ ଙ୍କୁ ଅନୁରୋଧ କରିଛନ୍ତି । ବିଜୁ ସେତୁ ହେଲେ ଉଭୟ ପାର୍ଶ୍ୱ ୭/୮ ଟି ଗାଁ ଉପକୃତ ହେବା ସହିତ କୁଚିଣ୍ଡା କୁ ପ୍ରତ୍ୟେକ ଦିନ ସକାଳୁ ନିଜ ଜମିରୁ ଉପାର୍ଜିତ ପନିପରିବା ଶାଗ, କାଠି, ପତ୍ର, ଜଙ୍ଗଲଜାତ ଦ୍ରବ୍ୟ ଆଣି ବିକ୍ରି କରି ବେଶ କିଛି ପରିବାର ସାବଲମ୍ବୀ ହୋଇ ପାରିବେ ବୋଲି ଆଶା କରାଯାଏ ।

## ବିନୋଦ ପଶାୟତ ଅସୁସ୍ଥ



**ସମ୍ବଲପୁର, ୧୩ା୩ (ସମିସ):** ବିଶିଷ୍ଟ ଗୀତିକାର, ନାଟ୍ୟକାର ତଥା ଚଳିତ ବର୍ଷ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ବିନୋଦ ପଶାୟତ ଅସୁସ୍ଥ ହୋଇ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ପ୍ରୋଷ୍ଟେଟ ଅସ୍ତ୍ରୋପଚାର ହୋଇଛି । ଦୁଇ ଦିନ ପରେ ଘରକୁ ଯାଇପାରିବେ ବୋଲି ଡାକ୍ତରଖାନା ତରଫରୁ ସୂଚନା ଦିଆଯାଇଛି ।

## ଯୁଯୁମୁରା ବିଜୁ ପ୍ରିମିୟର ଲିଗ୍ ଉଦଯାପିତ




**ଯୁଯୁମୁରା, ୧୩ା୩(ସମିସ):** ଯୁଯୁମୁରା ବ୍ଲକ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଜୋନ୍ ସ୍ତରୀୟ ବିଜୁ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି । ରେଢାଖୋଲ ଏନ୍‌ଏସି ଦଳ ସହିତ ଯୁଯୁମୁରା ଜୋନ୍ -୨ ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା । ସମ୍ବଲପୁର ଜୋନ୍ ସ୍ତରୀୟ ବିଜୁ ଯୁବ ଜନତା ଦଳର ସଭାପତି ଦେବାଶିଷ ପରିଡ଼ାଙ୍କ ଖେଳକୁ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରହଲ୍ଲାଦ ପ୍ରଧାନ, ନୃସିଂହ ଦେହୁରୀ, ରମେଶ ଚନ୍ଦ୍ର ବିଶ୍ୱାଳ, ଆଦିତ୍ୟ କୁମାର ନାଏକ, ସଞ୍ଜୟ ବିଶ୍ୱାଳ, ଅଶ୍ୱିନୀ ଦେହୁରୀ, ଅଶ୍ୱିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ୧୦ଓଭର ମ୍ୟାଚରେ ରେଢାଖୋଲ ଏନ୍‌ଏସି ଦଳ ପ୍ରଥମେ ବ୍ୟାଟିଂ କରି ୧୧୬ ରନ ସଂଗ୍ରହ କରିଥିଲା । ଯୁଯୁମୁରା ଜୋନ୍-୨ ଦଳ ୯ ଓଭରରେ ୪୪ ରନ କରି ପରାଜୟ ବରଣ କରିଥିଲେ । ବୁବୁନ ନନ୍ଦ ସର୍ବାଧିକ ୫୮ ରନ ହାସଲ କରି ମ୍ୟାନ୍ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ଦେବାଶିଷ ପରିଡ଼ା ଓ ଅବନୀ କୁମୁରା ମିଳିତ ଭାବେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିବା ବେଳେ, ରନର ଅଫ ଦଳକୁ ସଞ୍ଜୟ ବିଶ୍ୱାଳ ଓ ଅଶ୍ୱିନୀ ଦେହୁରୀ ମିଳିତ ଭାବେ ଟ୍ରଫି ପ୍ରଦାନ କରିଥିଲେ । ଆଜିର ଏହି ଖେଳକୁ ଦୀପକ୍ ପ୍ରଧାନ ଓ ଆଦିତ୍ୟ ନାଏକ ପରିଚାଳନା କରିଥିବା ବେଳେ ସଞ୍ଜୟ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ । ଅନ୍ମୋଲ ଦାସ ସ୍କୋର ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ନାକଟିଦେଉଳ ଜୋନ୍-୨ ସହିତ ଯୁଯୁମୁରା ଜୋନ୍ -୨ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ୮ ଓଭର ବିଶିଷ୍ଟ ଖେଳରେ ନାକଟିଦେଉଳ ଜୋନ୍ ୨ ଦଳ ପ୍ରଥମେ ବ୍ୟାଟିଂ କରି ୧୦୫ ରନ କରିଥିବା ବେଳେ ଯୁଯୋମୁରା ଜୋନ୍ -୨ ଦଳ ୭ମ ଓଭରରେ ଲକ୍ଷ୍ୟ ପୂରଣ ୧୦୬ କରି ବିଜୟ ଲାଭ କରିଥିଲେ । ଜେକି ପ୍ରଧାନ ସର୍ବାଧିକ ୪୫ ରନ ହାସଲ କରିଥିଲେ ।

## ଜେଏସଡବ୍ଲ୍ୟୁ ପକ୍ଷରୁ ହ୍ୱିଲ୍ ଚେୟାର ବଣ୍ଟନ

**ସମ୍ବଲପୁର, ୧୩ା୩(ସମିସ):** ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ସବୁବେଳେ ସିଏସଆର କାର୍ଯ୍ୟକଳାପରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସେବା ଯୋଗାଇ ଦେଇଥାଏ । ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲ୍ଲା ସ୍ରିପୁରା ଗ୍ରାମ ପଞ୍ଚାୟତରେ ଗରିବ ବୃଦ୍ଧ ବୃଦ୍ଧାଙ୍କୁ ୭ଟି ହ୍ୱିଲ ଚେୟାର ବଣ୍ଟନ କରାଯାଇଛି । ପୂର୍ବରୁ ମଧ୍ୟ ଜେଏସଡବ୍ଲ୍ୟୁ କମ୍ବଲ, ଖାଦ୍ୟ, ମଶାରୀ ଭଳି ଅନେକ ସାମଗ୍ରୀ ବଣ୍ଟନ କରିଛି । ଏହି କାର୍ଯ୍ୟକ୍ରମରେ ଆକାଙ୍କ୍ଷା ଲେଡିଜ କ୍ଲବ ଜେଏସଡବ୍ଲ୍ୟୁ ବିପିଏସଏଲର ସଭାପତି ନିଲମ ସିଂ, ସ୍ରିପୁରା ସରପଞ୍ଚ ଯୋଶବନ୍ତି ପାଣ୍ଡେ, ଜେଏସଡବ୍ଲ୍ୟୁ ବିପିଏସଏଲର ସିଏସଆର ମୁଖ୍ୟ ଭିଶାଲ ରାଜ ପ୍ରମୁଖ ଉପସ୍ଥିତ ଥିଲେ । ୩୮ ଜଣ ଲୋକଙ୍କୁ ଛତା, କପଡ଼ା, କମ୍ବଳ ମଧ୍ୟ ବଣ୍ଟନ କରାଯାଇଥିଲା ।

## ପିଏଚ୍.ଡି ଲାଭ



ଗବେଷକ ଭଗତରାମ ସେଟ୍ ମେଟ୍ସ ବିଶ୍ୱବିଦ୍ୟାଳୟ ରାୟପୁରରୁ ଇଂରାଜୀରେ ପି.ଏଚ.ଡି ଉପାଧି ପାଇବା ପାଇଁ ବିବେଚିତ ହୋଇଛନ୍ତି । ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "National Disparities with special reference to representation of India in select works of Gita Mehta". ଡକ୍ଟର ଭଗତରାମ ମେଟ୍ସ (MATs)ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ରଂଜନା ଦାସ ସରଖେଲଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ତାଙ୍କର ସନ୍ଦର୍ଭଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗୀର ପ୍ରଫେସର ଡଃ. ପ୍ରତାପ କୁମାର ଦାସ ଏବଂ ଛତିଶଗଡ ସ୍ୱାମୀ ବିବେକାନନ୍ଦ ଟେକନିକାଲ ବିଶ୍ୱବ୍ୟାଳୟ, ଭିଲାଇ ପ୍ରଫେସର ଚନ୍ଦ୍ରଶେଖର ଶର୍ମା, ଉଚ୍ଚ ପ୍ରଶଂସିତ ହୋଇଅଛି । ଡଃ ଭଗତରାମ ସାନସରାଇପାଲି ଗ୍ରାମର ଶ୍ରୀ ଯୋଗେଶ୍ୱର ସେଟ ଏବଂ ଶ୍ରୀମତୀ ବିଳାଶିନୀ ସେଟଙ୍କ ଦ୍ୱିତୀୟ ପୁତ୍ର ଅଟନ୍ତି । ଏହି ସଫଳତା ପାଇଁ ସେ ତାଙ୍କ ସ୍ତ୍ରୀ ତଥା ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ତଥା ସର୍ବୋପରି ପରମାତ୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଆଶାଲତା ମିଶ୍ର
ସାମୀ- ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ବରାଳପୋଖରୀ, ଚରମ୍ପା, ଭଦ୍ରକ
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂକ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ
**ଶୋକସନ୍ତପ୍ତ:** ମିଲି, ମିଟୁ, ବୁଲୁ, ନିକି, ଲୁଲୁ, ମାମୁନି, ବବି, ମିନୁ, ଗୁଡୁଲି, ଟପଲି, ତାନିଆ, ଲୁନିଆ, ଧିମାନ, ବୁବୁଲୁ, ସନିଆ, ଏବଂ ମିଶ୍ର ପରିବାରର ସମସ୍ତ ସଦସ୍ୟ ସଦସ୍ୟା, ବନ୍ଧୁ ଓ ଆତ୍ମୀୟସ୍ୱଜନ

ପ୍ରଥମ ଶ୍ରାଦ୍ଧବାର୍ଷିକୀର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଦେବାଶିଷ ବେବର୍ତା (ଗୁଗୁ)
ଆବିର୍ଭାବ: ୨୭.୦୬.୨୦୦୫, ତିରୋଧାନ: ୨୪.୦୨.୨୦୨୩ ଗୁରୁ ପଞ୍ଚମୀ
ଗୋବରା, ଗଞ୍ଜାମ
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ତୋର ସେ ସ୍ନେହଭରା ଡାକ ଆଉ ଶୁଭୁନାହିଁ, ପ୍ରତ୍ୟେକ ମୁହୂର୍ତ୍ତରେ ତୋର ଅନୁପସ୍ଥିତିକୁ ଆମେ ଅନୁଭବ କରୁଛୁ ।
ଅସମୟରେ ଆମକୁ ଛାଡି ତୁ ଅଫେରା ରାଇଜକୁ ଚାଲିଗଲୁ, ସବୁଦିନେ ସବୁସମୟରେ ତୁ ମନେ ପଡୁଛୁ , ତୁ ଯେଉଁଠି ବି ଥାଆ ଭଲରେ ଥାଆ, ତୋର ଅମରାତ୍ମା ଶାନ୍ତିପାଉ ।ତୋର ଅମରାତ୍ମା ପରମାତ୍ମାଙ୍କ ହୃଦୟରେ ଲୀନ ହେଉ ବୋଲି, ଜଗତରନାଥ ଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭର ପ୍ରାର୍ଥନା ।
ଇତି : ତୋର ହତଭାଗିନୀ ମାମା ରଂଜିତା ଦେବୀ,ବୋଉ, ବଡମାମା, ରୀନା ଦିଦି, ମିନିଦିଦି, ମଉସା, ବଡ଼ମାମୁ, ସାନମାମୁ ଦୁଇ ମାଇଁ, ମାମାଦିଦି, ଚିନାଦିଦି,ଟିଲୁ ଭାଇ, ସ୍ନେହା, ସାଇ, ପ୍ରିୟାଂଶୁ ଓ ବାବୁ ।






# ସ୍କୁଲରେ ଅଳିଆ ଗଦାଇଲେ ବରଯାତ୍ରୀ ଦଳ

**ବାଟବଣା ହେଉଛି ଶିକ୍ଷାଦାନ**

**ଶିକ୍ଷୟିତ୍ରୀଙ୍କ ପୁଅ ପଢ଼ାଉଛି ପାଠ**

**ପଦ୍ମପୁର, ୧୩।୩ (ସମିସ):** ରାଜବୋଡାସମ୍ବର ବ୍ଲକ ଫଟାମୁଣ୍ଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ପରିସ୍ଥିତି ଦେଖାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଗିରିଜା ଗିରିଙ୍କ କାର୍ଯ୍ୟକଳାପରେ ସମସ୍ତ ଗ୍ରାମବାସୀ ନାକେଦମ ହୋଇଛନ୍ତି। ଶେଷରେ ଉପଯୁକ୍ତ ନ୍ୟାୟ ପାଇଁ ଅତିରିକ୍ତ ଜିଲ୍ଲାପାଳ କୁଣାଳ ମନୋହର ଚହ୍ୱାନଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପ୍ରଧାନଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ପରିବର୍ତ୍ତେ ନିଜର ପୁଅକୁ ବିଦ୍ୟାଳୟକୁ ପଢାଇବାକୁ ନିୟୋଜିତ କରିଛନ୍ତି। ସରକାରଙ୍କ ଆର୍ଥିକ ଅନୁଦାନରେ ବ୍ୟାପକ ଅନିୟମିତତା ରହିଛି। ସମସ୍ତ ଘଟଣାକୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ ସୁଦ୍ଧା କେବଳ ମିଥ୍ୟା ପ୍ରତିଶ୍ରୁତି ମିଳୁଛି। ଉକ୍ତ ଗ୍ରାମର ବିଦ୍ୟାଳୟ ପରିଚାଳନା କମିଟି, ୱାର୍ଡସଭ୍ୟ, ଅଭିଭାବକ ଓ ଶିକ୍ଷାପ୍ରେମୀ ପ୍ରଧାନଶିକ୍ଷୟିତ୍ରୀଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଏ ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ ମାଧ୍ୟମରେ ବରଗଡ଼ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଏପରିକି ସ୍କୁଲରେ ଜନସାଧାରଣଙ୍କୁ ହେୟଜ୍ଞାନ କଲା ପରି ଗତ ୧୨ରେ ଏକ ବିବାହ ବରଯାତ୍ରୀ ଦଳକୁ ବିଦ୍ୟାଳୟ ପରିସରରେ ଆଶ୍ରୟ ଦିଆଯାଇଥିଲା। ବରଯାତ୍ରୀ ଦଳ ସେଠାରେ ଜଳଖିଆ କରିଥିଲେ। ପରବର୍ତ୍ତି ଦିନରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ଥିବା ପ୍ଲେଟ, ପ୍ଲାଷ୍ଟିକ ଗ୍ଲାସ ଓ ଅନ୍ୟାନ୍ୟ ମଇଳା ସଫା କରିଥିଲେ। ଏଥିରେ ସ୍କୁଲ ପରିଚାଳନା କମିଟି ସଦସ୍ୟ, ୱାର୍ଡସଭ୍ୟ ଓ ଶିକ୍ଷାପ୍ରେମୀମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

**ମିଗଜୋମ ସହାୟତା ରାଶି ପ୍ରଦାନରେ ଅନିୟମିତତା**

# ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲାମାରି ଧାରଣା

**ବରଗଡ଼, ୧୩।୩(ସମିସ)**

ମିଗଜୋମ ସହାୟତା ରାଶି ପ୍ରଦାନରେ ଅନିୟମିତତା ନେଇ ବୁଧବାର ସଂଯୁକ୍ତ କୃଷକ ସଂଗଠନ ତରଫରୁ ଜିଲ୍ଲାର ଚାଷୀମାନେ ବରଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ମାରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତ୍ୟହ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ସଂଗଠନ ତରଫରୁ ଧାରଣା ଦେବାକୁ ଚେତାବନୀ ଦିଆଯାଇଛି।

ଗତ ଡିସେମ୍ବରରେ ମିଗଜୋମ ପ୍ରଭାବରେ ନାହିଁ ନ ଥିବା ଫସଲ କ୍ଷତି ହୋଇଥିଲା। ଯାହାକୁ ନେଇ ଚାଷୀମାନଙ୍କୁ ଉପଯୁକ୍ତ ସହାୟତା ରାଶି ପ୍ରଦାନ କରିବାକୁ ବିଭିନ୍ନ ସମୟରେ ସଂଯୁକ୍ତ ସଂଗଠନ ତରଫରୁ ଦାବି କରାଯାଇଥିଲା। ବିଗତ ଦିନରେ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ମିଗଜୋମଜନିତ କ୍ଷତିପୂରଣ ଫସଲ ବୀମା ଏବଂ ଇନୁପୁଟ ସବସିଡି, ବିଜୁଳି ସମସ୍ୟା ସମେତ ୧୭ ଦଫା ଦାବିକୁ ନେଇ ବରଗଡ଼ରେ ବିରାଟ କୃଷକ ଚେତାବନୀ ବିକ୍ଷୋଭ ସମାବେଶ ଆୟୋଜନ କରିଥିଲା। ଯାହାକୁ ନେଇ ବରଗଡ଼ ଜିଲ୍ଲାପାଳଙ୍କ ନେତୃତ୍ୱରେ ତ୍ରିପାକ୍ଷିକ ଆଲୋଚନା ମଧ୍ୟ ହୋଇଥିଲା। ଧାର୍ଯ୍ୟ ସମୟ ଅତିବାହିତ ହେବାରୁ ପୁଣି ଶହଶହ ଚାଷୀ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ଘେରଉ କରିଛନ୍ତି।




କୃଷକଙ୍କ ଦାବି ଫସଲ ବୀମା ଓ ଇନପୁଟ ଟଙ୍କା କ୍ଷତିଗ୍ରସ୍ତ ଚାଷୀଙ୍କ ଖାତାରେ କ୍ଷତିପୂରଣ ନ ଆସିବା ପର୍ଯ୍ୟନ୍ତ ତାଲା ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ବିଦ୍ୟୁତ ସମସ୍ୟା ସମାଧାନ କରି କାହାରି ଲାଇନ କଟା ନ ଯାଉ ଏବଂ ଚାଷ କରିଥିବା ସମସ୍ତ ଚାଷୀଙ୍କ ଧାନ ପଞ୍ଜୀକରଣ କରାଯାଉ ବୋଲି ଦାବି କରାଯାଇଥିଲା। ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ ଚାଷୀ ଜିଲ୍ଲାମୁଖ୍ୟ କୃଷି କାର୍ଯାଳୟକୁ ଆସି କୃଷି ଅଧିକାରୀ ଅମୀୟ ସାହୁଙ୍କୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ବରଗଡ଼ ଜିଲ୍ଲାରେ କେତେ ଜଣ ବୀମା ପାଇବା ପାଇଁ ଯୋଗ୍ୟ ହୋଇଛନ୍ତି ଏବଂ କେତେ ଟଙ୍କା ଓ କେବେ ଦିଆଯିବ ସେହି ରିପୋର୍ଟ କମ୍ପାନୀ ମାର୍ଚ୍ଚ ପ୍ରଥମ ସପ୍ତାହ ଦେବା ପାଇଁ କୁହାଯାଇଥିଲା। କୃଷି ଅଧିକାରୀ କମ୍ପାନୀ କୌଣସି ରିପୋର୍ଟ ଦେଇ ନ ଥିବା ପ୍ରକାଶ କରିବାରୁ ବୁଧବାର ସଂଗଠନ ତରଫରୁ ସମସ୍ତ କର୍ମଚାରୀ ମାନଙ୍କୁ ଅଫିସରୁ ବାହାର କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ଦେଇ ଧାରଣାରେ ବସିଥିଲେ। ପରେ କୃଷି ଅଧିକାରୀ ଜିଲ୍ଲାପାଳଙ୍କ ସହ କଥା ହୋଇ ୧୦ ଦିନ ମଧ୍ୟରେ ବୀମା ଟଙ୍କା ମିଳିବ କହିଥିଲେ ହେଁ ଚାଷୀ ସଂଗଠନ ତରଫରୁ ତାହା ବିଶ୍ୱାସ କରାଯାଇ ନ ଥିଲା ଏବଂ ପ୍ରତ୍ୟେକ ଦିନ ସକାଳ ୧୦ରୁ ୪ଟା ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଛି। ସଂଗଠନର ରମେଶ ମହାପାତ୍ର, ଉତ୍ପନ୍ନ ଭୋଇ, ବିରେନ କର, ସୁଦାମ ପାତ୍ର, ରାଜେଶ ପାଢ଼ୀ, ପ୍ରେମରାଜ ସାହୁ, ପ୍ରଭାତ ସାହୁ, ମୀନକେତନ ବାରିକ, ନିରଞ୍ଜନ ପଧାନ, ବାବୁ ସାହୁ, ପ୍ରଶାନ୍ତ ସାହୁ, ସୁରେଶ ନିକେଣ୍ଡି, ଏକାଦଶିଆ ସାହୁ, ଜୟପ୍ରକାଶ ବେହେରା, ମହେନ୍ଦ୍ର ଦେହେରୀ, ଭୁବନ ପଧାନ.ସୁଦାମ ପୋଢ଼, ଲୋକନାଥ ଦାଶ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପିତ





**ବରଗଡ଼/ବରପାଲି, ୧୩।୩(ସମିସ):** ବରଗଡ଼ ରାଣାପ୍ରତାପ ସ୍କୁଲ ଖେଳପଡ଼ିଆ ପରିସରରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବୁଧବାର ଆଭାସି ମାଧ୍ୟମରେ ଲୋକାର୍ପିତ ହୋଇଯାଇଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

ରାଣା ପ୍ରତାପ ସ୍କୁଲ ପଛପଟେ ନିର୍ମାଣ ହୋଇଥିବା ଏହି ଷ୍ଟାଡିୟମ ପାଇଁ ରାଜ୍ୟ ସରକାର ପ୍ରାୟ ୧୦ କୋଟି ଟଙ୍କା ଅନୁଦାନ ରାଶି ଯୋଗାଇ ଦେଇଛନ୍ତି। ଏହି ଇଣ୍ଡୋର ଷ୍ଟାଡିୟମ ଦ୍ୱାରା ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଖେଳାଳିମାନେ ବେଶ୍ ଉପକୃତ ହୋଇପାରିବେ। ଏହି ଷ୍ଟାଡିୟମରେ ଟେବୁଲ ଟେନିସ, ବ୍ୟାଡମିଣ୍ଟନ ଭଲିବଲ, ବାସ୍କେଟବଲ, କ୍ୟାରେମ ଆଦି ଇଣ୍ଡୋର ଗେମ ଖେଳାଯିବା ସହ ଅତ୍ୟାଧୁନିକ ଜିମନାସିୟମ ରହିଛି। ଏହାଦ୍ୱାରା



**ଆଭାସିରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

ଖେଳାଳିମାନେ ମଧ୍ୟ ଉପଯୁକ୍ତ ପ୍ରଶିକ୍ଷଣ ସୁବିଧା ପାଇପାରିବେ। ରାଜ୍ୟ ତଥା ଜାତୀୟସ୍ତରରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇ ପାରିବେ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ କିଶୋର ମିଶ୍ର, ଆପିକଲ ଅଧ୍ୟକ୍ଷ ପ୍ରଭାତାଦିତ୍ୟ ମିଶ୍ର, ପୌରାଧ୍ୟକ୍ଷ କଳ୍ପନା ମାଝୀ, ଜିଲ୍ଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ରଙ୍କ ସହ ପୌର ପରିଷଦର ସମସ୍ତ କାଉନସିଲର ଓ ଜିଲ୍ଲାର କ୍ରୀଡ଼ାପ୍ରେମୀ, ଛାତ୍ରଛାତ୍ରୀ ଓ କ୍ରୀଡାବିତ୍ ଉପସ୍ଥିତ ଥିଲେ।

ବରପାଲି ହାଇସ୍କୁଲ ଖେଳ ପଡିଆରେ ନବନିର୍ମିତ ବହୁମୁଖୀ ଇନଡୋର ଷ୍ଟାଡିୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରଚୁଆଲ ମୋଡରେ ଉଦଘାଟନ କରିଛନ୍ତି। ବୁଧବାର ଅପରାହ୍ନରେ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ମୁଖ୍ୟଅତିଥି ଏବଂ ଅନ୍ୟାନ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ରିନା ଥଇତ,ଏନଏସି ଅଧ୍ୟକ୍ଷ ଦିନେଶ ଗହିର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୂବନ ଶତପଥି, କାଉନସିଲର, ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜିବୀ ଓ କ୍ରିଡାବିତ, ଯୁବକ ଓ ମହିଳା ଉପସ୍ଥିତ ଥିଲେ।

# ଏନ୍‌ଏସି ଘୋଷଣା ପରେ ୫-ଟି ଅଧ୍ୟକ୍ଷଙ୍କୁ ଭେଡେନବାସୀଙ୍କ କୃତଜ୍ଞତା

**ଭେଡେନ, ୧୩।୩(ସମିସ):** ନବୀନ ନିବାସରେ ୫-ଟି, ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଡେନ ଅଞ୍ଚଳର ଜନପ୍ରତିନିଧି କୃତଜ୍ଞତା ଜଣାଇଛନ୍ତି। ନୂତନ ଭାବରେ ଘୋଷଣା ହୋଇଥିବା ଏନଏସି ପାଇଁ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ପରିବର୍ତ୍ତନଶୀଳ ପଦକ୍ଷେପ ସମସ୍ତଙ୍କୁ କାର୍ଯ୍ୟକ୍ଷେତ୍ରରେ ଉତ୍ସାହିତ କରୁଛି ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ସମସ୍ତେ ଏକହୋଇ କାମକରିବା ବୋଲି କହିଥିଲେ। ବିଧାୟିକାଙ୍କ ସହ ଭେଡେନ ଗ୍ରାମର ଭରତ ବରେଇ, ଦିଲୀପ ରଥ, ପ୍ରସୂନ ଶତପଥୀ, ସାନନ୍ଦ ବେହେରା, ଜ୍ୟୋତିରଞ୍ଜନ ମହାପାତ୍ର, ଚିତ୍ତରଞ୍ଜନ ମେହେର, ପ୍ରକାଶ ପାତ୍ର, ମାନ ମାଡ଼ପାଚି, ପ୍ରଦୀପ ସୁନା, ଜଗତ ଭୂଷଣ ଶତପଥୀ, ଠାକୁର ଦଳେଇ, ରାଧାକାନ୍ତ ମହାରଣା, ନରସିଂହ ରଥ, ଘନଶ୍ୟାମ ମେହେର, ପଦ୍ମନାଭ ଦାଶ, ସାହାଦତ ଖାଁ, ଜନ୍ମଜୟ ମିଶ୍ର, ଗୁଣାକାର ଶତପଥୀ, ପ୍ରମୋଦ ଲୁହା, ବିମଳ ସାହୁଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



# ଚୈତ୍ର ବାସନ୍ତିକ ନବରାତ୍ର ଦୁର୍ଗାପୂଜା ପ୍ରସ୍ତୁତି

**ସୋହେଲା, ୧୩।୩(ସମିସ):** ଶ୍ରୀଶ୍ରୀ ମାଁ ଗୌରିଦେବୀ ଟ୍ରଷ୍ଟ କାର୍ଯ୍ୟାଳୟରେ ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆଗାମୀ ଚୈତ୍ର ବାସନ୍ତିକ ନବରାତ୍ର ଦୁର୍ଗାପୂଜା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୂଜା କମିଟିର ଦୁଇ ଜଣ ସଦସ୍ୟ ପ୍ରେମାନନ୍ଦ ଭୋଇ ଏବଂ ଗୌରାଙ୍ଗ ଷଣ୍ଢଙ୍କ ଦେହାନ୍ତରେ ଶୋକ ପ୍ରକାଶ ପରେ ଆସନ୍ତା ୯ଏପ୍ରିଲରୁ ୧୮ଏପ୍ରିଲ ପର୍ଯ୍ୟନ୍ତ ଦୁର୍ଗାପୂଜାର ସଫଳ ଆୟୋଜନ ନିମନ୍ତେ ଆଲୋଚନା ହୋଇଥିଲା। ଶ୍ରୀରାମ ନବମୀ ଦିନ ଭବ୍ୟ ଶୋଭାଯାତ୍ରା ଏବଂ ହିନ୍ଦୁ ନବବର୍ଷକୁ ଆଡମ୍ବର ସହ ପାଳନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଉପସଭାପତି ପୂର୍ବତନ ବିଧାୟକ ମହମ୍ମଦ ରଫିକ, ସମ୍ପାଦକ ଦିଲୀପ ଖମାରୀ, ମନ ମାଝୀ, କୋଷାଧ୍ୟକ୍ଷ ଲଳିତ କୁମାର ଅଗ୍ରୱାଲା, ବରିଷ୍ଠ ସଦସ୍ୟ ଡା ଶିଶିର ସାହୁ, ନଥୁରାମ ଅଗ୍ରୱାଲା, ଗୋବିନ୍ଦ ସାହୁ, ପ୍ରମୋଦ ଦେବତା, ବଲବୀର ସିଂ ଠାକୁର, ଗିରିଜେଶ ଖାଡଙ୍ଗା, ସୁଶାନ୍ତ ମିଶ୍ର, ମୁକେଶ ଅଗ୍ରୱାଲା, ସଞ୍ଜୀବ ଝାଙ୍କର, ଦୈତାରୀ ଭୋଇଙ୍କ ସମେତ ଦୁର୍ଗାପୂଜା କାର୍ଯ୍ୟକାରୀ କମିଟି ସଦସ୍ୟ ଓ ଶ୍ରୀଶ୍ରୀ ମାଁ ଗୌରିଦେବୀ ଟ୍ରଷ୍ଟର ସଦସ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ଦିଲୀପ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ ରନ୍ଧାଶାଳରେ ପୁଲିସ ଚଢ଼ଉ

**ବରପାଲି, ୧୩।୩ (ସମିସ):** ବରପାଲି ବ୍ଲକ ବିଭିନ୍ନ ପଞ୍ଚାୟତରେ ଲୁକ୍କାୟିତ ଭାବେ ରହିଥିବା ବେଆଇନ ରନ୍ଧନଶାଳାଗୁଡ଼ିକ ଉପରେ ପୁଲିସ ଅତର୍କିତ ଚଢଉ କରିଛି। ଏଥିରେ ବିପୁଳ ପରିମାଣର ମଦ ଜବତ କରାଯାଇଛି। ପ୍ଲାଷ୍ଟିକ୍‌ରେ ଜାର୍‌ରେ ଭର୍ତ୍ତି ମଦ ଓ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ନିର୍ବାଚନୀ ପ୍ରସ୍ତୁତି ଆଗଉଥିବା ବେଳେ ପ୍ରସାସନିକ ସ୍ତରରେ ମଧ୍ୟ ସଜବାଜ ଆଗେଇଲାଣି। ବରପାଲି ପୁଲିସ ଥାନାଧିକାରୀ ଜୟାରଶ୍ମି ସେଠୀଙ୍କ ତତ୍ତ୍ୱାବଧାନରେ ପୁଲିସ ବାହିନୀ ବ୍ଲକ ଅଞ୍ଚଳର ଅନେକ ଗ୍ରାମରେ ପହଞ୍ଚିଥିଲେ। ଚୋରାରେ ଲୁକ୍କାୟିତ ଭାବେ ନଦୀ ନାଳ ବଣ ବୁଦା ଅଡୁଆଳରେ ରହିଥିବା ରନ୍ଧାଶାଳାରେ ଚଢଉ କରି ୭୦୦ କେଜିରୁ ଅଧିକ ମଦ ଜବତ କରିଥିଲେ। ସେହିପରି ବ୍ୟାପକ ପରିମାଣର ମହୁଲ ପୋଚ ଓ ବ୍ୟବହୃତ ସାମଗ୍ରୀ ଉଦ୍ଧାର ସହ



ନଷ୍ଟ କରାଯାଇଛି। ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ମାରିଥିବା ଜଣାପଡିଛି।

# ମୌସୁମୀ ସାହୁ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ

**ପଦ୍ମପୁର, ୧୩।୩ (ସମିସ):** ମୌସୁମୀ ସାହୁଙ୍କୁ ବରଗଡ଼ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବରେ ଘୋଷଣା କରାଯାଇଛି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଅନୁମୋଦନକ୍ରମେ ଜିଲ୍ଲା କଂଗ୍ରେସ ସଭାପତି ହରଦିପ ସିଂ ଶ୍ରୀମତୀ ସାହୁଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଆଇନଜୀବୀ ତଥା ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ



ସାହୁଙ୍କ ପୁତ୍ରବଧୂ ଏବଂ କଂଗ୍ରେସ ନେତା ଅକ୍ଷୟ ସାହୁଙ୍କ ଧର୍ମପତ୍ନୀ ଶ୍ରୀମତୀ ସାହୁ ସ୍ନାତକ ଡିଗ୍ରୀ ପରେ ବରଗଡ ଆଇନ ମହାବିଦ୍ୟାଳୟରେ ସ୍ନାତକ ଡିଗ୍ରୀର ଅନ୍ତିମ ପର୍ଯ୍ୟାୟରେ ଶିକ୍ଷା ଗ୍ରହଣ କରୁଛନ୍ତି। ସେ ବର୍ତ୍ତମାନ ପଦ୍ମପୁର କୋର୍ଟରେ ଇଣ୍ଟର୍ନସିପ୍ କରୁଛନ୍ତି। ଏହାପୂର୍ବରୁ ଶ୍ରୀମତୀ ସାହୁ ପଦ୍ମପୁର ନଗର ମହିଳା କଂଗ୍ରେସ କମିଟିର ସଭାନେତ୍ରୀ ଭାବେ କାର୍ଯ୍ୟ କରି ସାରିଛନ୍ତି। ତାଙ୍କ ଏହି ନିଯୁକ୍ତିରେ ଶ୍ରୀମତୀ ସାହୁ ଖୁସି ପ୍ରକଟ କରିବା ସହ କଂଗ୍ରେସ ଦଳ ପକ୍ଷରୁ ତାଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଥିବାରୁ ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ କଂଗ୍ରେସ କମିଟି ସଭାପତି ତଥା ରାଜ୍ୟ ଓ ଜିଲ୍ଲା କଂଗେସର ସବୁ ବରିଷ୍ଠ ନେତୃମଣ୍ଡଳୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଜମଲା କଲେଜରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ପଦ୍ମପୁର, ୧୩।୩ (ସମିସ):** ପଦ୍ମପୁର ଉପଖଣ୍ଡ ଜମଲା ଡିଗ୍ରୀ କଲେଜରେ ସ୍ୱଚ୍ଛତା ଓ ଛାତ୍ରବୃତ୍ତି ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ସହ ଆନ୍ତର୍ଜାତିକ ମହିଳା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। କଲେଜର ଅଧ୍ୟକ୍ଷ ଡ. ସ୍ୱାଧୀନ ପଧାନଙ୍କ ତତ୍ତ୍ୱାବଧାନରେ ଏକ ସଭାରେ ରେଡକ୍ରସ ଅଧିକାରୀ ସଦାନନ୍ଦ ସେଠ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏନଏସଏସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ କଲେଜ କ୍ୟାମ୍ପସକୁ ସଫା କରିବା ସହ ରାସ୍ତାରେ ଯାତାୟାତ କରୁଥିବା ବ୍ୟକ୍ତିଙ୍କୁ ସ୍ୱଚ୍ଛତା ସଂପର୍କରେ ଅବଗତ କରାଇଥିଲେ। ଅଧାପିକା ସୁରେଖା ଭୁଏ ପରିଚାଳନା କରିଥିଲେ। ଅଧ୍ୟାପକ ଆଶିଷ ଭୋଇ, ଫଣିନ୍ଦ୍ର ସାହୁ, ଝସକେତନ ସାହୁ, ଅଧ୍ୟାପିକା କୁମୁଦିନୀ ସାହୁ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅଞ୍ଜନ ସଗର ଧନ୍ୟବାଦ ଦେଇଥିଲେ।



# ଡକାୟତି ଯୋଜନା ବେଳେ ପାଞ୍ଚ ଗିରଫ

**ବରଗଡ଼, ୧୩।୩(ସମିସ):** ବରଗଡ଼ ପୁଲିସ ଡକାୟତି ଗ୍ୟାଙ୍ଗର ପାଞ୍ଚ ସଦସ୍ୟଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ବରଗଡ଼ କୁଳିବନ୍ଧପଡ଼ାର ରିଙ୍କୁ ଭୋଇ, ରେଲୱେ ଷ୍ଟେସନ ଅଞ୍ଚଳର ମହେଶ ଶର୍ମା, ତୋରାର ଜି ରବି ପ୍ରସାଦ, ବଲାଙ୍ଗିର କନକପୁରର ସୌମ୍ୟରଞ୍ଜନ ମିଶ୍ର ଏବଂ ବଲାଙ୍ଗିର ଭାଲୁପାଲିର ଗଜପତି ସେଟ୍ଠି ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କଠାରୁ ୨ଟି ସ୍କୁଟି, ଗୋଟିଏ ମୋଟର ସାଇକେଲ. ଗୋଟିଏ କାର, ୫ଟି ମୋବାଇଲ, ଲଙ୍କା ପାଉଡର, ମାସ୍କ, ସ୍କ୍ରୁ ଡ୍ରାଇଭର, ପ୍ଲାସ ଆଦି ଜବତ କରିଛି ପୁଲିସ। ଗିରଫ ଯୁବକମାନେ ବରଗଡ଼ ରେଲୱେ ଷ୍ଟେସନ ରାସ୍ତାରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରି ସେମାନଙ୍କୁ କାବୁ କରିଥିଲା। ଏନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

# ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

**ସୋହେଲା, ୧୩।୩(ସମିସ):** ସୋହେଲା ନିକଟ ଇଛାପାଲି ଗ୍ରାମରେ ଜଣେ ୩ବର୍ଷୀୟା ଶିଶୁକନ୍ୟାର ପାଣିରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ଗ୍ରାମର ଡ୍ରାଇଭର କାମ କରୁଥିବା ଶ୍ରୀଧର ମଲିକ ନିଜ କାମରେ ସୋହେଲା ଆସିବା ପରେ ଘରେ ତାଙ୍କ ପତ୍ନୀ ଓ ୩ ଝିଅ ଥିଲେ। ସମସ୍ତେ ଶୋଇଥିବା ବେଳେ ତାଙ୍କର ୩ବର୍ଷର ଛୋଟଝିଅ ଅନ୍ୟମାନଙ୍କ ଅଜାଣତରେ ଖେଳିବା ପାଇଁ ଘରୁ ବାହାରି ଆସିଥିଲା। କିଛି ସମୟ ପରେ ତାର ମାଆ ଘରେ ତାକୁ ନପାଇ ଖୋଜାଖୋଜି କରିଥିଲେ। ଖୋଜିବା ସମୟରେ ଘର ପାଖରେ ଥିବା ପୋଖରୀ ପାଣିରେ ଝିଅର ମୃତଦେହ ଭାସୁଥିବା ଦେଖିଥିଲେ। ପଡ଼ାବାସୀଙ୍କ ସାହାଯ୍ୟରେ ପାଣିରୁ ବାହାର କରି ସ୍ଥାନୀୟ ସରକାରୀ ଡାକ୍ତରଖାନକୁ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୋଗକ୍ରମେ ସୋହେଲା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ପଦ୍ମପୁର ଶୀତଳଷଷ୍ଠୀର କର୍ମକର୍ତ୍ତା ଚୟନ

**ପଦ୍ମପୁର, ୧୩।୩ (ସମିସ):** ପଦ୍ମପୁର କଣ୍ଟାପଡାସ୍ଥିତ ସ୍ୱନେଶ୍ୱର ମନ୍ଦିର ପରିସରରେ ଆସନ୍ତା ଜୁନ ୧୪ ତାରିଖରୁ ହେବାକୁ ଥିବା ଶୀତଳଷଷ୍ଠୀ ମହୋତ୍ସବର କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। କୈଳାସ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ଭାବେ ପ୍ରିତମ ମେହେର, ଉପସଭାପତି ଶେଷଦେବ ମେହେର, ଦିଲ୍ଲୀପ ବାରିକ ଓ ସୁରେଶ ରାମଚନ୍ଦାନି, ସଂପାଦକ ବିଜୟ ସାହୁ, ସହସଂପାଦକ ପ୍ରଶାନ୍ତ ସାହୁ ଓ ମନୋଜ ମହାନ୍ତି, କୋଷାଧ୍ୟକ୍ଷ ନରସିଂହ ଅଗ୍ରୱାଲ ସମେତ ୬ଜଣିଆ ଉପଦେଷ୍ଟାମଣ୍ଡଳୀ ଏବଂ ୩୧ କାର୍ଯ୍ୟକର୍ତା ମନୋନୀତ ହୋଇଛନ୍ତି। ଟଙ୍କଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟର ଲୋକାର୍ପଣ

**ବରଗଡ଼,୧୩।୩(ସମିସ)**

ବରଗଡ ସଦର ବ୍ଲକ୍‌ରେ ରାଜ୍ୟ ସରକାରଙ୍କ ଅନୁଦାନରେ ବିଭିନ୍ନ ଉନ୍ନୟନ ତଥା ଜନକଲ୍ୟାଣ କାର୍ଯ୍ୟର ଲୋକାର୍ପଣ କରାଯାଇଛି। ବୁଧବାର ଜମୁର୍ଡା ଉପରପଡ଼ା କମ୍ୟୁନିଟି ସେଣ୍ଟରର ନବନିର୍ମିତ ଗୃହ ବୁଧବାର ଲୋକାର୍ପିତ ହୋଇଯାଇଛି। ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ନୂତନ ଗୃହର ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମିତିସଭ୍ୟ ଉମାକାନ୍ତ ପ୍ରଧାନ, ସରପଞ୍ଚ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ।



ସେହିପରି ଏନ ଜାମପାଲି ପଞ୍ଚାୟତ ଅନ୍ତର୍ଗତ ସରଲା ଗ୍ରାମରେ ନବ ନିର୍ମିତ ଶ୍ରୀରାମ କଲ୍ୟାଣ ମଣ୍ଡପର ଲୋକାର୍ପଣ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କ କରକମଳରେ ସମ୍ପାଦିତ ହୋଇଯାଇଛି। ସରପଞ୍ଚ ସଞ୍ଜୁ ରାଏଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମିତି ଉମେଶ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ବିଧାୟକ ଆଚାର୍ଯ୍ୟ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ।

# ଏବେଠୁ ଅଘୋଷିତ ବିଦ୍ୟୁତ କାଟ୍

**ପଦ୍ମପୁର, ୧୩।୩(ସମିସ):** ଆଗକୁ ପ୍ରଚଣ୍ଡ ରୌଦ୍ରତାପର ଆଶଙ୍କା ରହିଥିବା ବେଳେ ଏବେଠୁ ପଦ୍ମପୁର ଉପଖଣ୍ଡରେ ବିଦ୍ୟୁତ୍ ବିଭାଗର ଅଘୋଷିତ ବିଦ୍ୟୁତ କାଟ୍ ଜନସାଧାରଣଙ୍କୁ ଅତିଷ୍ଠ କରି ଦେଇଛି। ଘନ ଘନ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ବ୍ୟତିବ୍ୟସ୍ତ କରୁଛି। ସମୟ ବିଶେଷରେ ମରାମତି ନାମରେ ସୂଚନା ପ୍ରଦାନ କରି ଦିନସାରା ବିଦ୍ୟୁତ କାଟ କରୁଛନ୍ତି। ପରବର୍ତ୍ତି ଦିନରେ ମନଇଚ୍ଛା ବିଦ୍ୟୁତ କାଟ ହେଉଛି। ଗ୍ରୀଷ୍ମ ସମୟରେ ବିଜୁଳିର ନିରବଚ୍ଛିନ୍ନ ସେବାର ଚାହିଦା ବଢିଯାଉଥିବା ଭଳି ପରିସ୍ଥିତିରେ ସରକାର ବିଦ୍ୟୁତ କାଟ୍ ନ କରିବାକୁ ପରାମର୍ଶ ଦେଉଥିଲା ବେଳେ ବିଦ୍ୟୁତ ବିଭାଗର ଅଧିକାରୀମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି। ଏନେଇ ଆଗୁଆ ପ୍ରସ୍ତୁତି କରାଯାଉ ନାହିଁ। ମନଇଚ୍ଛା ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ବିଦ୍ୟୁତ କାଟ୍ ଯୋଗୁଁ ସାଧାରଣ ଉପଭୋକ୍ତା ସେବାରୁ ବଞ୍ଚିତ ରହୁଛନ୍ତି। ଆଗାମୀ ଦିନରେ ଏହା ଜାରି ରହିଲେ ବିଭାଗ ପ୍ରତି ଅସନ୍ତୋଷ ବୃଦ୍ଧିର କାରଣ ସାଜିବ। ଏ ଦିଗରେ ସତର୍କତା ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଖଗେଶ୍ୱର ସାହିତ୍ୟ କଳା ପରିଷଦର ସମାବେଶ

# ମାଟି ମନସ୍କ କବିର କବିତା କାଳଜୟୀ

ବିଜେପୁର,୧୩।୩ (ସମିସ)

ବିଜେପୁର ବ୍ଲକ ଖଗେଶ୍ୱର ସାହିତ୍ୟ କଳା ପରିଷଦର ବଛରକିଆ ସମାବେଶ ପୁଖାମୁଣ୍ଡା ଷଣ୍ଢେଶ୍ୱର ପୀଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମୋହନ ସିଂ କହ୍ନେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡ. ପ୍ରଦୀପ ପଧାନ, ସ୍ତମ୍ଭକାର ସୁଶାନ୍ତ ମିଶ୍ର, ତାଳପଦର କଲେଜ ଅଧ୍ୟକ୍ଷ ପଞ୍ଚାନନ ମିଶ୍ର, ଗାଳ୍ପି ଡ. ଚିନ୍ମୟ ସାହୁ, ମ. ରାମପୁରର ଯୁଗଯାତ୍ରୀ ସାହିତ୍ୟ ସଂସଦର ସଂପାଦକ ହେମନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାଟି ମନସ୍କ କବିର କବିତା କାଳଜୟୀ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। କବି ରାମପ୍ରସାଦ ବାଗ ନାରୀ ଚେତନାଧର୍ମୀ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ପରିଷଦର ବାର୍ଷିକ ସମ୍ବଲପୁରୀ ସାହିତ୍ୟ ପତ୍ରିକା ମହକେଲ ପ୍ରକାଶନ ପାଇଁ ଆଲୋଚନା ହୋଇଥିଲା। ଆଗାମୀ ଏପ୍ରିଲ ୧୦ ସୁଦ୍ଧା ଲେଖକଗଣ ନିଜର ମଉଳିକ ରଚନାକୁ ସଂପାଦକ ଖଗେଶ୍ୱର ସାହିତ୍ୟ କଳା ପରିଷଦ



ବିଜେପୁର ଠିକଣାରେ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି। ପତ୍ରିକାରେ କବିତା, ପ୍ରବନ୍ଧ, ଗଳ୍ପ, ଭ୍ରମଣ କାହାଣୀ, ଫିଚର, ଆଲୋଚନା, ପୁସ୍ତକ ସମୀକ୍ଷା, ସାକ୍ଷାତକାର ବିଭାଗ ରଖିବାକୁ ନିଷ୍ପତ୍ତି ହୋଇଛି। ପ୍ରତି ଶନିବାର ଖଗେଶ୍ୱର ସାହିତ୍ୟ କଳା ପରିଷଦର ସାହିତ୍ୟ ଚର୍ଚ୍ଚା କରାଯିବାକୁ ସ୍ଥିର ହୋଇଛି। ସଭାକୁ ସଂପାଦକ ରାଜେଶ୍ୱର ବେହେରା ସଂଯୋଜନା କରିଥିଲେ। ପରେ ଗୀତିକାର ମକରଧ୍ୱଜ ସାହୁ ଓ ଯୁବକବି ଆଶୁତୋଷ ମେହେରଙ୍କ ସଂଯୋଜନାରେ ସମ୍ବଲପୁରୀ କବିତା ପାଠ ହୋଇଥିଲା। କ୍ରାନ୍ତିକବି ହରିଲାଲ ସାହୁ, ରାମପ୍ରସାଦ ବାଗ, ଅଧିକାରୀ ସା, ସୁରେଶଚନ୍ଦ୍ର ଭୋଇ, ମକରଧ୍ୱଜ ମେହେର, ପ୍ରମୋଦ ମେହେର, ଅଶ୍ୱିନୀ ସାହୁ, ସୁରେଶ ସାହୁ, ଅଧ୍ୟାପକ ଉପେନ୍ଦ୍ର ସାହୁ ତୁଳସୀରାମ ମେହେର,ସାବିତ୍ରୀ ମେହେର, ଯଦୁମଣି ପଟେଲ, ଯୁବରାଜ ଦୀପ, ଗୌରାଙ୍ଗ ପାଣ୍ଡେ କବିତା ପାଠ କରିଥିଲେ। ସମୀକ୍ଷା କରିଥିଲେ ଅଧ୍ୟାପକ ଡ.ଚିନ୍ମୟ ସାହୁ। ଉପସଭାପତି ଦିଲ୍ଲୀପ ଦେବତା, ସହସଂପାଦକ ହୃଦମଣି ସାହୁ, ପଞ୍ଚାନନ ପଧାନ, ଦୁର୍ବାଦଳ ବଡଗୋଛିଆ, ଜିତେନ୍ଦ୍ରିୟ ମେହେର, ଗୀତିକାର ରବୀନ୍ଦ୍ର ଭୋଇ, ନୀଳମଣି ମେହେର, ପୂର୍ଣ୍ଣଚନ୍ଦ୍ର ମେହେର ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ଦେବାଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତ ଫାଇନାନ୍ସ ଜାଲିଆତି ମାମଲା

## ଆଉ ଦୁଇ କୋର୍ଟ ଚାଲାଣ

**ଭେଡେନ, ୧୩।୩(ସମିସ):** ଭେଡେନ ବ୍ଲକ ବିଭିନ୍ନ ଅଞ୍ଚଳରୁ ନିରୀହ ମହିଳାଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ତାଙ୍କ ଅଜାଣତରେ ଉଠାଇ ନେଇ ଆତ୍ମସାତ କରିଥିବା ମାମଲାରେ ପୁଲିସ ଆଉ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଭେଡେନସ୍ଥିତ ଭାରତ ଫାଇନାନ୍ସ କମ୍ପାନୀର କର୍ମଚାରୀ ଓ ଏଜେଣ୍ଟ ବିରୋଧରେ ଏହି ଅଭିଯୋଗ ହୋଇଥିଲା। ମହିଳାମାନେ ଭେଡେନ ଥାନାରେ ଅଭିଯୋଗ କରିଥିବା ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଭେଡେନ ପୋଲିସ ଗ୍ରୀଣ୍ଡୋଲା ଗ୍ରାମର ସୁଶାନ୍ତ ମହାକୁର(୩୨) ଓ ପଲସାପାଲି ଗ୍ରାମର ସୁରଜ ପଧାନ(୨୭)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନଙ୍କ ନାଁରେ ଛାଲୁକୁଲୁଣ୍ଡା ଗ୍ରାମର ମହିଳାମାନେ ଅଭିଯୋଗ କରିଥିଲେ। ଏନେଇ ଭେଡେନ ଥାନାଧିକାରୀ ପ୍ରେମଜିତ ଦାଶ କହିଛନ୍ତି ଯେ ଯେଉଁମାନେ ଏହି ମାମଲାରେ ସମ୍ପୃକ୍ତ ଅଛନ୍ତି ସମସ୍ତଙ୍କୁ ଧରାଯିବ। ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନବନିର୍ମିତ ବରଗଡ଼ ଟାଉନ୍ ଥାନା ଲୋକାର୍ପିତ

**ବରଗଡ଼, ୧୩।୩(ସମିସ):** ବୁଧବାର ରାଜ୍ୟର ୧୬ଟି ପୁଲିସ ଜିଲ୍ଲାରେ ନବନିର୍ମିତ ୨୯ଟି ଥାନା/ଫାଣ୍ଡି/ଏସ୍.ଡି.ପି.ଓ କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଲୋକାର୍ପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଟାଉନ ଥାନା ପରିସରରେ ନବନିର୍ମିତ ଥାନାର ଶୁଭ ଉଦଘାଟିତ ହୋଇଥିଲା। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଲୋକଙ୍କ ସେବାରେ ଓଡିଶା ପୁଲିସର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ବରଗଡ଼ ଟାଉନ ଥାନାରେ ପୁଲିସ୍ ଆଇଜି ହିମାଂଶୁ ଲାଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।



## ରାଜଧାନୀର କାନ୍ଥଚିତ୍ରରେ ଖଗେଶ୍ୱରଙ୍କ ସାଙ୍ଗାରେ ସଂଶୋଧନ ଦାବି

**ବିଜେପୁର,୧୩।୩ (ସମିସ):** ରାଜଧାନୀର କାନ୍ଥରେ ଶୋଭା ପାଉଥିବା କବି ଖଗେଶ୍ୱର ଶେଠଙ୍କ ନାମ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ ଜିଲ୍ଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ବୁଧବାର ତହସିଲଦାରଙ୍କ ଜରିଆରେ ଏକ ସ୍ମାରକପତ୍ର ଦିଆଯାଇଛି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଜ୍ୟୋତି ପ୍ରକାଶ ଭୋଇ ସ୍ମାରକପତ୍ର ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ତ୍ୱରିତ ଏହା ପ୍ରେରଣ କରାଯିବ ବୋଲି ସେ ପ୍ରକାଶ କରିଥିବା ଜଣାପଡିଛି। ଏହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ସାହିତ୍ୟ ପ୍ରାଣ କବି ଖଗେଶ୍ୱର ଶେଠ ହେଉଛନ୍ତି ସମଗ୍ର ଓଡ଼ିଶା ତଥା ବରଗଡ ମାଟିର ପରିଚୟ। ଉଭୟ ଓଡିଆ ଓ ସମ୍ବଲପୁରୀ ସାହିତ୍ୟ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ଏଇ ବରପୁତ୍ର ଖଗେଶ୍ୱର ଶେଠଙ୍କ ଫଟୋଚିତ୍ର ଭୁବନେଶ୍ୱରସ୍ଥିତ ରାଜଭବନ ଚିକିତ୍ସାଳୟର କାନ୍ଥରେ ବିଭିନ୍ନ ପ୍ରବାଦ ପୁରୁଷଙ୍କ ଗହଣରେ ସ୍ଥାନୀତ ହୋଇଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି। ଉକ୍ତ ଫଟୋଚିତ୍ରରେ କବିଙ୍କ ନାମ ଖଗେଶ୍ୱର ସେଠୀ ଲେଖା ଯାଇଛି, ଯାହାକି ସଂଶୋଧିତ ହୋଇ ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠ ଲେଖାଯିବା ଉଚିତ ବୋଲି ସ୍ମାରକ ପତ୍ର ମାଧ୍ୟମରେ ଉଲ୍ଲେଖ କରାଯାଇଛି। କବିଙ୍କ ଫଟୋ ଚିତ୍ର ମଧ୍ୟ ସଠିକ୍ ଭାବରେ ଅଙ୍କା ଯାଇନାହିଁ। ସୂଚନାଯୋଗ୍ୟ ଯେ ଯୁବ ସାହିତ୍ୟିକ ଉମାକାନ୍ତ ଭୋଇ ଏହି ଫଟୋ ରାଜଧାନୀରେ ଦେଖିବା ପରେ ସାହିତ୍ୟ ସଂସଦକୁ ସୂଚନା ଦେଇଥିଲେ। ଖଗେଶ୍ୱର ସାହିତ୍ୟ କଳା ପରିଷଦ ଆହ୍ୱାନରେ ଦିଆଯାଇଥିବା ସ୍ମାରକପତ୍ରରେ ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ସଭାପତି ମୋହନ ସିଂ କହ୍ନେଇ, ସମ୍ପାଦକ ରାଜେଶ୍ୱର ବେହେରା, ସାମ୍ବାଦିକ ଜିତେନ୍ଦ୍ରିୟ ମେହେର, ନିରଂଜନ ତ୍ରିପାଠୀ, ଉତ୍ତାଳଗଡ ନାଟ୍ୟ ସଂସଦ ତାଳପଦର ପକ୍ଷରୁ ସୁଶାନ୍ତ ମିଶ୍ର, ହୃଦମଣି ସାହୁ, ପ୍ରକାଶ ସାହିତ୍ୟ ସଂସଦ ପଡ଼ାରୁ ଦିଲ୍ଲୀପ ଦେବତା, ବରିଷ୍ଠ ନାଗରିକ ସଂଘରୁ ଶେଷଦେବ ପାଣି, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଆଇନଜୀବୀ ଅରବିନ୍ଦ ପଧାନ, ପ୍ରଶାନ୍ତ ପଧାନ, ଗବେଷକ ଡ. ପ୍ରଦୀପ ପଧାନ, ଯୁବକର୍ମୀ ବିଜୟ ଭୋଇ, ଦୁଷ୍ମନ୍ତ ମେହେର, ପ୍ରଭାତ ରଞ୍ଜନ ସାହୁ, ଦୂର୍ବାଦଳ ବଡଗୁଛିଆ, ବୁଦ୍ଧଦେବ ମେହେର ପ୍ରମୁଖଙ୍କ ନାମ ଉଲ୍ଲେଖ ରହିଛି।

ସାମାଜିକ ଅଧିକାର ଶିବିର

## ୧୪୬ ହିତାଧିକାରୀଙ୍କୁ ୨୭୫ ଉପକରଣ

**ଦେବଗଡ଼, ୧୩।୩(ସମିସ):** ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗରେ ଟାଉନ ହଲଠାରେ ସାମାଜିକ ଅଧିକାର ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଅପୂର୍ବା ଚୌଧୁରୀ, ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଓ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ସାଧାରଣ ପରିଚାଳକ ସଞ୍ଜୟ ମଣ୍ଡଳ ପ୍ରମୁଖ ଦିବ୍ୟାଙ୍ଗଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସାଧାରଣ ଜୀବନ ବିତାଇବାରେ ପ୍ରତିଟି ଜନସାଧାରଣ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୨୧ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀଚାଳିତ ଟ୍ରାଇ ସାଇକଲ, ହ୍ୱିଲଚେୟାର, ସ୍ମାର୍ଟଫୋନ, ଶ୍ରବଣ ଯନ୍ତ୍ର ସମେତ ୧୪୬ ହିତାଧିକାରୀଙ୍କୁ ୨୭୫ଟି ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ଶ୍ରୀନିବାସ ଜାନି, ସୁଜନ ସାହୁ ଓ ଦିଗାମ୍ବର ପ୍ରଧାନଙ୍କ ସମେତ କୃତ୍ରିମ ଅଙ୍ଗ ନିର୍ମାଣ ନିଗମର କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।



## ଧୂମପାନ ନିଷେଧ ଦିବସର ସଚେତନତା କାର୍ଯ୍ୟକ୍ରମ

**ବରଗଡ଼,୧୩।୩(ସମିସ):** ମାର୍ଚ୍ଚ ଦ୍ୱିତୀୟ ବୁଧବାର ଧୂମପାନ ନିଷେଧ ଦିବସ ରୂପେ ପାଳନ କରାଯାଏ। ଉକ୍ତ ଦିବସକୁ ସଫଳ କରିବା ପାଇଁ ବରଗଡ଼ ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ଦ୍ୱାରା ବିକାଶ କନଫରେନ୍ସ ହଲରେ ଧୂମପାନ ନିଷେଧ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଉକ୍ତ ଦିବସର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ସରଳ ନିଶ୍ୱାସ ନିଅନ୍ତୁ ଏବଂ ଧୂଆଁମୁକ୍ତ ଜୀବନ ପାଳନ କରନ୍ତୁ। ବିକାଶ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି ନାଗେଶ୍ୱର ରାଓ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ. ଡ଼ି. ଷ୍ଟେଲା, ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ ଏବଂ ବିକାଶ ହାୟର ଏଜୁକେସନ ଅନ୍ତର୍ଗତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସମେତ ସମସ୍ତ ଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିକାଶ ନର୍ସିଂ କଲେଜର ଛାତ୍ରଛାତ୍ରୀ ଧୂମ୍ରପାନ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଶିକ୍ଷା ଦେଇଥିଲେ। ଉକ୍ତ ଦିବସକୁ ଆଧାର କରି ଏକ କ୍ଷୁଦ୍ର ନାଟକ ପ୍ରସ୍ତୁତ କରିଥିଲେ। ନାଟକର ସମାପ୍ତ ପରେ ବିକାଶ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ି. ନାଗେଶ୍ୱର ରାଓ ଏହି ସମାବେଶକୁ ସମ୍ବୋଧିତ କରିବାବେଳେ ଧୂମ୍ରପାନର ଖରାପ ପ୍ରଭାବ ଉପରେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଧୂମ୍ରପାନରୁ ଦୂରେଇ ରହିବା ପାଇଁ ବାର୍ତ୍ତା ଦେଇଥିଲେ।




## ପରିବେଶବିତ୍ ବୈଷ୍ଣବ ଭୋଇଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୧୩।୩ (ସମିସ):** ଡେବ୍ରିଗଡ ଅଭୟାରଣ୍ୟ କର୍ଲା ସମୀପରେ ଜନତା ହାଇସ୍କୁଲ ଭୁକ୍ତା ଚତୁର୍ଦ୍ଦଶ ବ୍ୟାଚ ପୁରାତନ ଛାତ୍ରମାନେ ଏଭର୍ ଗ୍ରୀନ୍ ଫୋରମ୍ ପକ୍ଷରୁ ବିଶ୍ୱ ବଣ୍ୟପ୍ରାଣୀ ଦିବସ ଅବସରରେ ସମାଜସେବୀ ଲେଖକ ବୈଷ୍ଣବ ଭୋଇଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ସମ୍ବର୍ଦ୍ଧିତ କରିଥିଲେ। ଭୁବନାନନ୍ଦ ପ୍ରଧାନ, ଅତନୁ ପ୍ରଧାନ, ତପନ ପ୍ରଧାନ, ଦୁଲାରମଣି ପଟେଲ, ନନ୍ଦୁରାମ ଅଗ୍ରୱାଲ୍, କୃଷ୍ଣଚନ୍ଦ୍ର ବାରିକ, ଦେବାର୍ଚ୍ଚନ ନାଏକ, ମେଦିନୀ ନାଏକ, ଜନାର୍ଦ୍ଦନ ଖମାରୀ, ବିଭୂତି ଭୂଷଣ ସାହୁ, ସୁବାସ ବେହେରା, ଜାଗେଶ୍ୱର ପଧାନ, ସଚ୍ଚିଦାନନ୍ଦ ପୁରୋହିତ ସ୍ୱାଗତ ଜଣାଇଥିଲେ। ମହେନ୍ଦ୍ର ଅଗ୍ରୱାଲ୍, ଲକ୍ଷ୍ମୀ ବୈଗା, ଲଳିତ ସାହୁ, ଖେଟବ୍ରତ ସାହୁ, ଟଙ୍କଧର ସାହୁ ଉପସ୍ଥିତ ଥିଲେ। ଡେବ୍ରିଗଡ ବଣ୍ୟପ୍ରାଣୀ ସୁରକ୍ଷା ଏବଂ ଜଙ୍ଗଲ ନିଆଁ ନିରାକରଣ ଦିଗରେ ଜନସଚେତନତା ବୃଦ୍ଧି କରିବାକୁ ସମସ୍ତଙ୍କୁ ଭୋଇ ଅନୁରୋଧ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ କବି ଦେବାର୍ଚ୍ଚନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ ପ୍ରଶିକ୍ଷଣ ଶିବିର

**ଦେବଗଡ଼, ୧୩।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଜିଲ୍ଲାପାଳ ସମ୍ମିଳନୀ କକ୍ଷଠାରେ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଅଧ୍ୟକ୍ଷତାରେ ଏହି ଶିବିରରେ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଉପସ୍ଥିତ ଥିବା ଅଧିକାରୀ ଓ ପୁଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ନୂତନ ଭାବେ ଇଲେକ୍ସନ ସିଜର ମ୍ୟାନେଜମେଣ୍ଟ ସିଷ୍ଟମ ଆପ୍ (ଇଏସଏମଏସ) ଓ ନିର୍ବାଚନ ଆଚରଣବିଧି ପରେ ବେଆଇନ ଅର୍ଥ କାରବାରକୁ ରୋକିବା ସହ ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନ କରିବାକୁ କୁହାଯାଇଥିଲା। ଫ୍ଲାଇଙ୍ଗ ସ୍କ୍ୱାଡ୍ ଷ୍ଟାଟିଷ୍ଟିକ ସର୍ଭିଲାନ୍ସ ଟିମ୍ ଏବଂ ଭିଡିଓଗ୍ରାଫି ଟିମକୁ ନିୟୋଜିତ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନା ବାରା ପ୍ରମୁଖ ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ଶିବିରରେ ଜିଲ୍ଲା କୋଷାଗାର ଅଧିକାରୀ ସୁରେଶଚନ୍ଦ୍ର ମାଝି, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ ମହାନ୍ତ, ରାଜୀବ ଲୋଚନ ନାଏକ, ବାରକୋଟ ବିଡିଓ ସ୍ମୃତି ରଞ୍ଜନ ସାହୁ, ରିଆମାଳ ବିଡିଓ ଉଗ୍ରସେନ ଓରାମ, ତିଳେଇବଣି ବିଡିଓ ରଘୁନାଥ ପାଣିଗ୍ରାହୀ ଓ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଜିଲ୍ଲାସ୍ତରୀୟ ତମାଖୁ ନିୟନ୍ତ୍ରଣ ସମନ୍ୱୟ କମିଟି ବୈଠକ

**ଦେବଗଡ, ୧୩।୩ (ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ତମାଖୁ ନିୟନ୍ତ୍ରଣ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାରେ ତମାଖୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ପାଖରେ ଦୋକାନୀମାନେ ତମାଖୁ ବିକ୍ରୟ ନକରିବା ପାଇଁ ବିଭାଗୀୟ ଅଧିକାରୀ ମାନେ ଏହା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଗ୍ରାମ ପଞ୍ଚାୟତରେ ଯେ କୌଣସି ପ୍ରକାର ତମାଖୁ ବ୍ୟବହାର ନିଷେଧ ଏବଂ ଏହା ଦଣ୍ଡନୀୟ ଅପରାଧ, ଏଥିପାଇଁ ୨୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି। ତମାଖୁ ଛାଡିବା ପାଇଁ ଯୋଗାଯୋଗ ଟେଲିଫୋନ ନମ୍ବର ୧୮୦୦୧୧୨୩୫୬ରେ ଯୋଗାଯୋଗ କରିପାରିବେ। ତମାଖୁ ମୁକ୍ତ ଗ୍ରାମପଞ୍ଚାୟତ ଗଠନ କରିବାରେ ଅଗ୍ରଣି ଭୂମିକା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଦେବଗଡ଼ ମହିଳା ମହାବିଦ୍ୟାଳୟକୁ ତମାଖୁମୁକ୍ତ ଶିକ୍ଷା ଅନୁଷ୍ଠାନ ପାଇଁ ଟ୍ରଫି ଓ ମାନପତ୍ର ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମ୍ମାନିତ କରିଥିଲେ। ଏଡିପିଏଚଓ ଡାକ୍ତର ଧନଞ୍ଜୟ ମହନ୍ତ, ଡିପିଏମ୍. ଉମେଶ ଚନ୍ଦ୍ର ଷଡ଼ଙ୍ଗୀ, ଡିପିଏଚ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡ଼ା ମନୋରଞ୍ଜନ ସାମଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସକୁନ୍ତଳା ଟେଟେ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷ ଉପସ୍ଥିତ ଥିଲେ।



ଝାରସୁଗୁଡ଼ା ସଦର ଥାନାର ନୂତନ କୋଠା ବୁଧବାର ସନ୍ଧ୍ୟାରେ ଲୋକାର୍ପିତ ହୋଇଯାଇଛି।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦଘାଟନ

**ବରପାଲି,୧୩।୩ (ସମିସ):** ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସରକାରଙ୍କ ଜନସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ ମାନ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କ ଦ୍ୱାରା ଉଦଘାଟିତ ଓ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷ ଦିନେଶ ଗହୀରଙ୍କ ସମେତ ଉପାଧ୍ୟକ୍ଷା ସୁପ୍ରୀତା ଜେନା ଓ କାଉନସିଲରମାନେ ଉପସ୍ଥିତ ଥିଲେ। ପଶ୍ଚିମ ସୋମନାଥ ଶିବମନ୍ଦିରକୁ ବିଦ୍ୟୁତ ସଂଯୋଗୀ କରଣ ସହ ମନ୍ଦିର ସମ୍ମୁଖ ନାଳାର ନୂତନ କଲଭର୍ଟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିପରି ଏଚଇଟିସି ପରିସରରେ ମହିଳା ଏବଂ ଶିଶୁ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ ଓ ସାମୂହିକ ସଭାଭବନ ସ୍ଥାନୀୟ କେନାଲଛକରେ ଭୂମିପୂଜନ ସହ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଜଙ୍ଗଲବିଭାଗ ପରିସରରେ ନବନିର୍ମିତ ଉଦ୍ୟାନ କୃଷି ଭବନର ଶୁଭ ଉଦଘାଟନ କରାଯାଇଥିଲା।

## ଏନ୍ଏସି ଘୋଷଣା ପରେ ସୋହେଲାରେ ଖୁସିର ଲହର

**ସୋହେଲା, ୧୩।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲ୍ଲା ସୋହେଲାକୁ ଏନ୍ଏସି ଘୋଷଣା ପରେ ସୋହେଲାର ବିଭିନ୍ନ ଛକରେ ଗ୍ରାମବାସୀ ଫଟକା ଫୁଟାଇ ଖୁସି ମନାଇଥିଲେ। ସୋହେଲା ଦୁର୍ଗାପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶଚନ୍ଦ୍ର ଦେବତା, ବରିଷ୍ଠ ନାଗରିକ ଟଙ୍କଧର ଝାଙ୍କର, ନଥୁରାମ ଅଗ୍ରୱାଲା, ଗୋବିନ୍ଦ ସାହୁ, ଗଣତନ୍ତ୍ର ପଧାନ, ଅନୀଲ ପଧାନ, ରମାକାନ୍ତ ସାହୁ, ପ୍ରମୋଦ ସାହୁ, ବୁଲୁ ପରୁଆ, ନିଲୁ ଝାଙ୍କର, ହିରୋ ମାଝୀଙ୍କ ସମେତ ବହୁ ଗ୍ରାମବାସୀ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଭେଟି ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ। ଦୁର୍ଗାପୂଜା କମିଟି ସମ୍ପାଦକ ଦିଲୀପ ଖମାରୀ, ମନ ମାଝୀ, ସୋହେଲା ନାଗରିକ କମିଟି ସଭାପତି ପ୍ରମୋଦ ଦେବତା, ବଳବୀର ସିଂ ଠାକୁର, ଗିରିଜେଶ ଖାଉଙ୍ଗାଙ୍କ ସମେତ ସୋହେଲାର ବିଭିନ୍ନ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ସ୍ଥାନୀୟ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ‘କୃଷି କ୍ଷେତ୍ରରେ ବିଜୁଳିଦେୟ ଛାଡ଼’

ବରଗଡ଼, ୧୩।୩(ସମିସ)

କୃଷି କ୍ଷେତ୍ରରେ ବିଜୁଳି ବିଲ୍ ସଂପୂର୍ଣ୍ଣ ଛାଡ ସହ ବିଭିନ୍ନ ଦାବି ନେଇ ଗୁରୁବାର ଜୟ କିଶାନ ଆନ୍ଦୋଳନ ବିଶାଳ କୃଷକ ସମାବେଶ ଆୟୋଜିତ ହେବ। ଏନେଇ ଜୟ କିଶାନ ଆନ୍ଦୋଳନ ତରଫରୁ ଗାଁ ଗାଁରେ ସଚେତନତା କରାଯିବା ସହ ଘେରଉ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। କୃଷିକ୍ଷେତ୍ରରେ ବ୍ୟବହୃତ ବିଜୁଳି ବିଲ ସଂପୂର୍ଣ୍ଣ ଛାଡ, ପ୍ରତ୍ୟେକ ପରିବାରକୁ ଅନ୍ତତଃ ୩୦୦ ୟୁନିଟ ବିଜୁଳି ଛାଡ, ଧାନ କ୍ୱିଣ୍ଟାଲ ପ୍ରତି ୧୦୦୦ ଟଙ୍କା ବୋନସ୍ ଏବଂ କୃଷିଋଣ ଛାଡ ଦାବିରେ ଏହି ସମାବେଶ ଅନୁଷ୍ଠିତ ହେବ। ଜୟ କିସାନ ଆନ୍ଦୋଳନ ଗତବର୍ଷଠାରୁ ବିଭିନ୍ନ

**ଜୟ କିଶାନ ଆନ୍ଦୋଳନର ସଚେତନତା କାର୍ଯ୍ୟକ୍ରମ**

**ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମାବେଶ**



ପର୍ଯ୍ୟାୟରେ କ୍ରମାଗତ ଭାବରେ ବିଜୁଳି ସମସ୍ୟାକୁ ନେଇ ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମର ଆୟୋଜନ କରିଆସୁଛି। ଟାଟା କଂପାନୀ ଖଟିଖିଆ ଏବଂ କୃଷକଙ୍କ ବିଜୁଳି ବିଚ୍ଛିନ୍ନ କରିଚାଲିଛି। ହୀରାକୁଦ ସେଚାଞ୍ଚଳର କୃଷକମାନେ କେବଳ ଜଳକର ଦେଇ ଚାଷ ଚାଷ କରିଆସୁଥିବା ବେଳେ ଗଭୀର ନଳକୂପ ଏବଂ ଉଠା ଜଳସେଚନରେ ଚାଷ କରୁଥିବା କୃଷକମାନେ ମାସିକ ହଜାର ହଜାର ଟଙ୍କା ବିଜୁଳି ବିଲ ଦେଇ ଚାଷ କରିବା ଅସମ୍ଭବ ଅଟେ। ଆଗାମୀ ଦିନରେ ପ୍ରି ପେଡ୍ ସ୍ମାର୍ଟ ମିଟର ସହ ଧାନଦର ବୃଦ୍ଧି ଏବଂ କୃଷିଋଣ ଛାଡ ଦାବିକୁ ନେଇ ଗୁରୁବାର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସମାବେଶକୁ ସଫଳ କରିବା ପାଇଁ ସଂଗଠନର ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସଂପାଦକ ହର ବଣିଆଁ, ଅରୁଣ ସାହୁ, ଭଞ୍ଜନ ବାରିକ, କିଶୋର ସାହୁ, ଲକ୍ଷ୍ମଣ ସୁନା, କୁନା ବେହେରା, ମିନିଷ୍ଟର ବାରିକ, ବିଜୟ ପ୍ରଧାନ, ଘନ ସା, ବିଶ୍ୱନାଥ ରଣା ଏବଂ ରାସବିହାରୀ ସାହୁ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନତା କରି ଗୁରୁବାର ହେବାକୁ ଥିବା ସମାବେଶ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି।

# ଜେଲ ଗଲେ ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

**ଭବାନୀପାଟଣା, ୧୩।୩ (ସମିସ):** ଆୟବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଜେଲ୍ ଯିବାକୁ ପଡ଼ିଛି। ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଚଢଉ ବେଳେ ଭିଜିଲାନ୍ସ ଆୟବର୍ହିଭୂତ ସମ୍ପତ୍ତି ରୂପେ ୬୫ ଲକ୍ଷ ୭୪ ହଜାର ୪୬୮ ଟଙ୍କା ପାଇଛି; ଯାହାକି ସରକାରୀ ହିସାବ ଅନୁସାରେ ନିଜ ଆୟଠାରୁ ୧୬ଶହ ପ୍ରତିଶତ ଅଧିକ। ଏହା ବ୍ୟତୀତ ଗୋଲାମୁଣ୍ଡା ଷ୍ଟେଟ ବ୍ୟାଙ୍କରେ ୭୨ ହଜାର ଟଙ୍କା ଥିବା ବେଳେ ୨ଲକ୍ଷରୁ ଅଧିକ ଟଙ୍କାର ୩ଟି ବାଇକ୍, ୫୨ଲକ୍ଷର ଏକ ଅଟ୍ଟାଳିକା ଏବଂ କିଛି ପରିମାଣର ସୁନା ଗହଣା, ଜମି ଇତ୍ୟାଦିର କାଗଜ ଭିଜିଲାନ୍ସ ଜବତ କରିଛି।



# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶବରଖି ପ୍ରତିବାଦ

**ବଲାଙ୍ଗିର, ୧୩।୩(ସମିସ):** ବୁଧବାର ଅପରାହ୍ନରେ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ମୃତଦେହ ରଖି ପ୍ରତିବାଦ କରାଯାଉଥିବା ଦେଖିବାକୁ ମିଳିଥିଲା। ସ୍ପିଡ ବାଇକର୍ସଙ୍କ ବେପରୁଆ ଗାଡିଚାଳନା ପାଇଁ ଏକ ପରିବାରର ରୋଜଗାରିଆଙ୍କ ବ୍ୟକ୍ତିଙ୍କ ଜୀବନ ଗଲା ବୋଲି ପ୍ରତିବାଦ କରୁଥିବା ଲୋକମାନେ କହୁଥିଲେ। ସୂଚନା ଅନୁସାରେ, ସ୍ଥାନୀୟ ସାଲେପାଲିର ହାଡୁ ମହାକୁର ଗତ ଦୁଇଦିନ ତଳେ କାମ କରି ଘରକୁ ଫେରୁଥିଲେ। ଏହି ସମୟରେ ଟ୍ରାନ୍ସପୋର୍ଟ ଗ୍ୟାରେଜ ନିକଟରେ ଏକ ବାଇକ ଦ୍ରୁତ ଗିତରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ, ହାତ, ଗୋଡରେ ଗଭୀର ଆଘାତ ଲାଗି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ସେମାନେ ମୃତଦେହ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ସେଠାରେ ଶବ ରଖି ପ୍ରତିବାଦ ଜଣାଇଥିଲେ। ପୁଲିସ ଅଧିକାରୀ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଡକ୍ରସ ପାଣ୍ଠି ତରଫରୁ ତାଙ୍କର ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରାୟ ଦୁଇଘଣ୍ଟା କାଳ ପ୍ରତିବାଦ କରିବା ପରେ ଅନୁକମ୍ପାମୂଳକ ସହାୟତା ପ୍ରତିଶୃତି ପାଇ ଲୋକେ ପ୍ରତିବାଦରୁ ଓହରିଥିଲେ।

# ଗୋକୁଳେଶ୍ୱରରେ ବିଜେଡି ବୈଠକ

**ଭବାନୀପାଟଣା, ୧୩।୩ (ସମିସ):** ଗକୁଳେଶ୍ୱରରେ ସ୍ଥାନୀୟ ଅଧିବାସୀ, ମହିଳା କର୍ମକର୍ତ୍ତା, ସ୍ୱୟଂ ସହାୟକ ଗ୍ରୁପ ଏବଂ ବିଜୁ ପରିବାରର ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଯୁବ ସମ୍ପାଦକ ସେନାପତି ନାଏକ ଯୋଗଦେଇ ତୃଣମୂଳସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଜନାଦୃତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ସହ 'ଆମ ଓଡ଼ିଶା, ନବୀନ ଓଡ଼ିଶା', ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଲୋକାଭିମୁଖୀ ଯୋଜନା କିଭଳି ହାତ ପାହାନ୍ତାରେ ସମସ୍ତଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ସେହିଭଳି ବିଜେଡି ସଂଗଠନକୁ ୱାର୍ଡସ୍ତରରୁ ଦୃଢ କରିବା ସହ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ପ୍ରତିଜ୍ଞା ବଦ୍ଧ ହୋଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନ ନବୀନ କାର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସମସ୍ତେ ଧନ୍ୟବାଦ ଅର୍ପଣ କରିଥିଲେ। ରାଜୀବ ଶତପଥୀ, ଲାଲୁ ନିଆଲ ପ୍ରମୁଖ ଯୋଗ ଦେଇଥିଲେ।



# ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ଆଜି ଆନ୍ଦୋଳନ

**ସମ୍ବଲପୁର, ୧୩।୩(ସମିସ):** ସମ୍ବଲପୁର ଆର.ଡ଼ି.ସି ଅଫିସ ଘେରିବାକୁ ଜିଲ୍ଲା କୃଷକ ସଂଗଠନ ନିଷ୍ପତି ନେଇଛି। ଆସନ୍ତା କାଲି ଦିନ ୧୧ଟାରେ ଘେରାଉ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଚାଷୀର ଦୁର୍ଦ୍ଦଶା ଲାଗି ସରକାର ଦାୟୀ। ରାଜନୈତିକ ଦଳ ଓ ସରକାର ଚାଷୀର ସମସ୍ୟା ଓ ଦାବୀକୁ ନେଇ ନୀରବ ରହୁଛନ୍ତି। ଆନ୍ଦୋଳନରତ ଚାଷୀଙ୍କ ଉପରେ ଚାଲିଛି ଲାଠି ଗୁଳିରେ ଦମନ କରାଯାଉଛି। କେନ୍ଦ୍ରର ୩ କଳା କୃଷି ଆଇନ ପ୍ରତ୍ୟାହର ପାଇଁ ବାଧ୍ୟ ହେଇଥିଲେ। କିନ୍ତୁ ସେ ସମୟରେ ଯାହାଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଆଜିବି ଅପୂରଣୀୟ ହୋଇରହିଛି। ଜାତୀୟ ସଂଯୁକ୍ତ କିସାନ ମୋର୍ଚ୍ଚାର ଆହ୍ୱାନ କ୍ରମେ ଆନ୍ଦୋଳନ କରାଯିବ। ଏମଏସ୍‌ପିକୁ ଆଇନଗତ ମାନ୍ୟତା, ସ୍ୱାମୀନାଥନ୍‌ଙ୍କ ସୁପାରିଶ ଆଧାରରେ କୃଷିଜାତ ଦ୍ରବ୍ୟର ଦର ସ୍ଥିର(ସି୨+ ୫୦%), ସ୍ୱାମୀନାଥନ ସୁପାରିଶ କାର୍ଯ୍ୟକାରୀନ ହେବାପାଏଁ ରାଜ୍ୟ ସରକାର କ୍ୱଂଟାଲ ପିଛା ୫୦୦ଟଙ୍କା ବୋନସ୍ ପ୍ରଦାନ, ଡ଼ବ୍ଲୁଟିଓ'ର ଚାଷୀ ବିରୋଧୀ ପ୍ରାବଧାନ ରଦ୍ଦ, କୃଷିଋଣ ଛାଡ଼, ଚାଷୀ ଆନ୍ଦୋଳନ ଉପରେ ସରକାରୀ ଦମନ ବନ୍ଦ, ସଂସଦରେ ଥିବା ବିବାଦୀୟ ବିଜୁଳୀ ବିଲ୍ ପ୍ରତ୍ୟାହର, ଓଡ଼ିଶାରେ ଟାଟା ପାୱାର ଶୋଷଣ ବନ୍ଦ କରି ଜଳସେଚନ ପାଇଁ ବ୍ୟବହୃତ ବିଜୁଳୀକୁ ଦେୟମୁକ୍ତ କରିବା, ଅଦିନିଆ ବର୍ଷା ଓ ବାତ୍ୟା ଲାଗି ବାକିଆ ରହିଥିବା କ୍ଷତିପୂରଣ ଶୀଘ୍ର ପ୍ରଦାନ, ରବି ଧାନ ବିକ୍ରିର ପଂଜୀକରଣ ଜନିତ ସମସ୍ୟାର ଦୂରୀକରଣ ଓ କୃଷି କ୍ଷେତ୍ରର କମ୍ପାନୀକରଣଜନିତ ଉଦ୍ୟମର ବିରୋଧ ଭଳି ଦାବୀ ରହିବ। ଜିଲ୍ଲା କୃଷକ ସଂଗଠନ ପକ୍ଷରୁ ବହୁସଂଖ୍ୟାରେ ଚାଷୀମାନେ ସାମିଲ ହେବାକୁ ଅନୁରୋଧ କରିଛନ୍ତି। ଅଶୋକ ପ୍ରଧାନ, ସଂଯୁକ୍ତ କିସାନ ମୋର୍ଚ୍ଚାର ଓଡ଼ିଶା ପ୍ରତିନିଧି ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ଉମେଶ ମିଶ୍ର, ଜିଲ୍ଲା ସମ୍ପାଦକ ଦେବେନ ପ୍ରଧାନ, ସଂଯୋଜକ ବ୍ୟୋମକେଶ ଠାକୁର, ଓ ପ୍ରବକ୍ତା-ସରୋଜ ମହାନ୍ତି ସୂଚନା ଦେଇଛନ୍ତି।

## ଅବହେଳିତ ଶୁଆଣୀପୀଠ

# ନଷ୍ଟ ହେଉଛି ପ୍ରାଚୀନ ଶିଳାଲେଖ, ସୁରକ୍ଷା ଲୋଡ଼ା

**ସମ୍ବଲପୁର, ୧୩। ୩ (ସମିସ)**

ପଶ୍ଚିମ ଓଡ଼ିଶା ପ୍ରମୁଖ ଜିଲ୍ଲା ସମ୍ବଲପୁରରେ ଅନେକ ମନ୍ଦିର, ଦେବୀପୀଠ, ମଠ, ଶୈବପୀଠ ରହିଛି। ଏହା ସହ ବର୍ଷ ତମାମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ପର୍ଯ୍ୟଟନସ୍ଥଳୀ ରହିଛି। ଘଞ୍ଚ ଜଙ୍ଗଲ ଘେରା ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ଏହି ପର୍ଯ୍ୟଟନ ସ୍ଥଳ ଗୁଡ଼ିକ ରହିଛି। ଏସବୁ ସ୍ଥାନକୁ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକ ଆସି ସମୟ ଅତିବାହିତ କରନ୍ତି। ରାଜ୍ୟ ସରକାର ମଧ୍ୟ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। କୋଟି ଟଙ୍କା ଅନୁଦାନ ଦେଇ ପର୍ଯ୍ୟଟନ ସ୍ଥଳର ବିକାଶ କରାଯାଉଛି। ପର୍ଯ୍ୟଟକ ମାନଙ୍କ ପାଇଁ ସମସ୍ତ ସୁବିଧା କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆସୁଛି। ସ୍ଥାନୀୟ ଲୋକମାନେ ରୋଜଗାର ପାଉଛନ୍ତି। ହେଲେ ଜିଲ୍ଲାରେ କେତେକ ପର୍ଯ୍ୟଟନ ସ୍ଥଳ ଆଜି ମଧ୍ୟ ଦୃଷ୍ଟି ଆଢୁଆଳରେ ରହିଛି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ଏହି ପର୍ଯ୍ୟଟନ ସ୍ଥଳ ଅବହେଳିତ ହୋଇ ପଡ଼ିଛି। ଯାହା ଲୋକ ଲୋଚନକୁ ଆସି ପାରିନାହିଁ। ଏଭଳି ଏକ ପର୍ଯ୍ୟଟନ ସ୍ଥଳ ହେଉଛି ରେଢ଼ାଖୋଲ ଉପଖଣ୍ଡର ବଂଶାଜାଲ ଗ୍ରାମରେ ଦେବୀ ଶୁଆଣୀଙ୍କ ପୀଠ। ଯାହା ବିକାଶର ଠାରୁ ବହୁ ଦୂରରେ ରହିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡର ବଂଶାଜାଲ ଗ୍ରାମକୁ ଲାଗି ରହିଥିବା ଘଞ୍ଚ ଜଙ୍ଗଲ ଓ ପାହାଡ଼ ଉପରେ ରହିଛି ଦେବୀ ଶୁଆଣୀଙ୍କ ପୀଠ। ଜଙ୍ଗଲ ଓ ଚିରସ୍ରୋତା ଝରଣା ଏହି ପୀଠକୁ ଅଧିକ ଆକର୍ଷିତ କରି ଆସୁଛି। ଏହି ପୀଠକୁ ଯିବା ପାଇଁ ଜଙ୍ଗଲ ଭିତରେ ରହିଛି ପାଦ ଚଲା ରାସ୍ତା। କେଉଁ ଆବାହମାନ କାଳରୁ ମାଁ ଏଠାରେ ପୂଜା ପାଇଆସୁଛନ୍ତି। ପ୍ରତ୍ୟେକ ବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାରରେ ଏଠାରେ ପ୍ରସିଦ୍ଧ ଶୁଆଣୀ ଯାତ୍ରା ହୋଇଥାଏ। କୁହାଯାଏ ରେଢ଼ାଖୋଲରେ ରାଜା ଶାସନ ଚାଲୁଥିବା ସମୟରେ ଖୁବେଲଗଡ଼ ଜମିଦାରଙ୍କ ତତ୍ୱାବଧାନରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ରାଜା ଓ ଜମିଦାରଙ୍କ ପରଠାରୁ ଅଞ୍ଚଳବାସୀ ଏହି ଯାତ୍ରାକୁ ବହୁ ଆଡମ୍ବର ସହ ପାଳନ କରି ଆସୁଛନ୍ତି। ରେଢ଼ାଖୋଲ ସହର ଠାରୁ ମାତ୍ର ୧୭କିମି ଦୂରରେ ବଂଶଜାଲ ଗ୍ରାମ ରହିଛି। ଏଠାରେ ଥିବା ଶୁଆଣୀ ଦେବୀଙ୍କୁ ନେଇ ଅନେକ କିମ୍ବଦନ୍ତୀ ଓ ଲୋକକଥା ରହିଛି। ଦେବୀଙ୍କ ପ୍ରତି ସ୍ଥାନୀୟ ଲୋକଙ୍କ ଅପାର ଭକ୍ତି ଓ ବିଶ୍ୱାସ ରହିଛି।



ସାରଳା ଦାସଙ୍କ ମହାଭାରତରେ ମଧ୍ୟ ସ୍ୱର୍ଗାରୋହଣ ପର୍ବରେ ଦେବୀ ଶୁଆଣୀଙ୍କ କଥା ବର୍ଣିତ ଥିବା ଲୋକେ କହନ୍ତି। ବଂଶଜାଲ ଗ୍ରାମ ନିକଟ ଦେଇ ଯାଇଛି ରେଳପଥ। ରେଳପଥ ଠାରୁ ଅଳ୍ପ କିଛି ଦୂରରେ ମାଁ ଶୁଆଣୀ ଦେବୀଙ୍କ ପୀଠ। ତେବେ ଏହି ପୀଠକୁ ଯିବା ପାଇଁ ଏକ ରେଳବାଇ ପୋଲର ଆବଶ୍ୟକତା ରହିଛି। ସେହିପରି ପୀଠକୁ ଯିବା ପାଇଁ ମଧ୍ୟ ଭଲ ରାସ୍ତାଟିଏ ନାହିଁ। ଆବଡ଼ା ଖାବଡ଼ା ପାଦଚଲା ରାସ୍ତାରେ ଜଙ୍ଗଲ ଭିତର ଦେଇ ପୀଠକ ଯିବାକୁ ହେଉଥିବାରୁ ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯିବା ପାଇଁ ଚାହିଁ ମଧ୍ୟ ଯା।ଇ ପାରୁ ନାହାନ୍ତି। ଅନ୍ୟପଟେ ରକ୍ଷଣା ବେକ୍ଷଣ ଅଭାବରୁ ମନ୍ଦିର ନିକଟରେ ଥିବା ପ୍ରାଚୀନ ଶୀଳାଲେଖ ମଧ୍ୟ ନଷ୍ଟ ହେବାକୁ ବସିଛି। ଏହା କେଉଁ ଲିପିରେ ଲେଖା ଯାଇଛି ତାହା ଗବେଷଣା ସାପେକ୍ଷ।। ଐତିହାସିକ ମାନେ ଏସମ୍ପର୍କରେ ଗବେଷଣା କରିବାର ଆବଶ୍ୟକତା ରହିଛି। ସରକାର ଓ ପ୍ରଶାସନ ପଦକ୍ଷେପ ଗ୍ରହଣ କଲେ ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଲୋକଲୋଚନକୁ ଆସି ପାରନ୍ତା ବୋଲି ମତପ୍ରକାଶ ପାଉଛି। ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ଏହି ପୀଠର ବିକାଶ ସମ୍ଭବପର ହୋଇ ପାରିବ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନ ପାଇ ପାରିବ ବୋଲି ଗ୍ରାମବାସୀ କହିଛନ୍ତି।





## ନିଖୋଜ ଯୁବକଙ୍କ ମୃତଦେହ ଜବତ

# ଲୁହା ସାମଗ୍ରୀ ବିକ୍ରି କରିବାକୁ ଡାକିଲେ, ମାରିଦେଲେ

**ସମ୍ବଲପୁର, ୧୩।୩ (ସମିସ):** ସମ୍ବଲପୁର ଜିଲ୍ଲା ଶାସନ ଥାନା ଶାସନ ଗ୍ରାମରେ ରହୁଥିବା ଉତ୍ତରପ୍ରଦେଶ ମୂଳ ବାସିନ୍ଦା ମହମ୍ମଦ ଫିରୋଜଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡରେ ଜଣେ ଯୁବକ ଓ ଜଣେ ନାବାଳକଙ୍କ ସମ୍ପୃକ୍ତି ରହିଛି। ଅଭିଯୁକ୍ତ କତରବଗା ଗ୍ରାମର ଆଶୁତୋଷ ବଢେଇଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳକଙ୍କୁ ବାଳସୁଧାର ଗୃହ ପଠାଯିବ ବୋଲି ପୁଲିସ କହିଛି। ଘଟଣାରେ ବ୍ୟବହୃତ ପଥର, ବାଡି ଜବତ କରିଛି। ମୃତକ ଲୁଟ ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି। ସୂଚନା ଯୋଗ୍ୟଯେ, କତରବଗା ଥାନା ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ଫିରୋଜଙ୍କ ଶବ ପଡ଼ି ରହିଥିଲା। ଘଟଣା ସ୍ଥଳରେ ସାଇନଟିଫିକ ଟିମ ପହଞ୍ଚି ତଦନ୍ତ କରିଥିଲେ। ହତ୍ୟା ସନ୍ଦେହରେ ପୁଲିସ ୪ ଜଣ ଯୁବକଙ୍କୁ ଅଟକ ରଖିଥିଲା। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ଗତ ଗୁରୁବାର ପରବେଜ ପରିବାର ପାଖରୁ ୧୫ ଶହ ଟଙ୍କା ନେଇ ଏକ ବାଇକ ନେଇ କବାଡି ସମାଗ୍ରୀ କିଣିବାକୁ ବାହାରିଥିଲେ। କତରବଗାରୁ ଅଭିଯୁକ୍ତ ମାନେ ଲୁହା ସାମଗ୍ରୀ ବିକ୍ରି କରିବେ ବୋଲି ଫିରୋଜକୁ ଡାକିଥିଲେ। ହେଲେ ଫିରୋଜ ଜଙ୍ଗଲକୁ ଡାକି ନେଇଥିଲେ। ସେଠାରେ ମୋବାଇଲ ଫୋନ ଓ ଟଙ୍କା ଲୁଟ କରିଥିଲେ। ବାଡିରେ ଆକ୍ରମଣ କରି ଫିରୋଜଙ୍କୁ ଆକ୍ରମଣ କରିଥିଲେ। ଆହତ ହେବା ପରେ ପଥରରେ ଛେଚି ହତ୍ୟା କରିଥିଲେ। ପରିବାର ବର୍ଗ ଦିନକ ପରେ ଗତ ୭ ତାରିଖ ଶାସନ ଥାନାରେ ଅଭିଯୋଗ କରିଥିଲେ। ଶାସନ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ କଲ ଓ ଲୋକେସନକୁ ଆଧାର କରି ୪ ଜଣଙ୍କୁ ଗତ ରାତିରେ ଅଟକ ରଖିଛି। ଏପଟେ ପରିବାର ବର୍ଗ କତରବଗା ଥାନାକୁ ଯାଇଥିଲେ। ହେଲେ ସେମାନଙ୍କୁ ଶବ ପାଖକୁ ଯାଇ ଦିଆଯାଉନଥିବା କହିଛନ୍ତି।

# ନାମଯଜ୍ଞ ଦର୍ଶନ କଲେ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ

**ବୀରମହାରାଜପୁର, ୧୩।୩ (ସମିସ):** ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗ୍ରାମରେ ୫୬ ପ୍ରହର ବିଶ୍ୱଶାନ୍ତି ନାମଯଜ୍ଞ ପ୍ରଥମ ଦିବସରେ ରାଜ୍ୟ ମାନବାଧିକାର କମିଶନର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ଦର୍ଶନ କରିଛନ୍ତି। ଦଧିବାମନ ତ୍ରିପାଠୀ, ଅସିତ ଷଡ଼ଙ୍ଗୀ, ସୁରେନ୍ଦ୍ର ପତି, ତ୍ରିଲୋଚନ ମେହେର, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ବିଷ୍ଣୁଚରଣ ପଣ୍ଡା, ଶ୍ୟାମସୁନ୍ଦର ସେଠୀ, ଯୁଗଳ କିଶୋର ମିଶ୍ର, ଶ୍ରୀନିବାସ ଚାନ୍ଦ, କିଶୋର ହୋତା ପ୍ରମୁଖ ଜଷ୍ଟିସ ପୂଜାରୀଙ୍କ ସହ ଉପସ୍ଥିତ ଥିଲେ। ପଣ୍ଡିତ ରାମକୃଷ୍ଣ ପଣ୍ଡା, ଭିକାରୀ ପଣ୍ଡା, ବାମନ ପଣ୍ଡା, ମଧୁସୂଦନ ରଥ, ସଦାନନ୍ଦ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ।



# ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

**ନୂଆପଡ଼ା, ୧୩।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାଷୀରେ ବୁଧବାର ଖରିଆରରୋଡ୍ ବହୁମୁଖୀ ଇନ୍‌ଡେର ଷ୍ଟାଡ଼ିୟମ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲ୍ଲାପାଳ ହେମକାନ୍ତ ସୟ, ଏସଡିସି ଅଧ୍ୟକ୍ଷ ଭାଗତ ସିଂ ମାଝୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ, ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଖରିଆର ରୋନ୍ ଏନଏସି ନିର୍ବାହୀ ଅଧିକାରୀ କମଳାସନ ରଥ, ଜିଲ୍ଲାପରିଷଦ ସଭ୍ୟା ଉମା ଠାକୁର, ଜୟ ଢୋଲକିଆ, ରାଜେଶ ନିଗମ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ପଟ୍ଟନାୟକ ଉପସ୍ଥିତ ଥିଲେ।



# ଉପଖଣ୍ଡସ୍ତରୀୟ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ

**ଟିଟିଲାଗଡ଼, ୧୩।୩(ସମିସ):** ଟିଟିଲାଗଡ ଉପଖଣ୍ଡସ୍ତରୀୟ ଗ୍ରୀଷ୍ମ ପ୍ରବାହ, ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ସମ୍ବନ୍ଧୀୟ ଏକ ବୈଠକ ଉପଜିଲ୍ଲାପାଳଙ୍କ ସଭାଗୃହରେ ଉପଜିଲ୍ଲାପାଳ ରେହାନ ଖେତ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ପକେଟ ମହଜୁଦ ରଖିବା ପାଇଁ ଉପଖଣ୍ଡ ଚିକିତ୍ସାଧିକାରୀ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତ ର ସଫଳ ମୁକାବିଲା ପାଇଁ ପ୍ରତି ଚିକିତ୍ସାଳୟରେ ନିୟନ୍ତ୍ରଣ କକ୍ଷ, ଛକ, ବଜାର, ଜନଗହଳି ସ୍ଥାନରେ ଜଳଛତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟିଟିଲାଗଡ ବିଡିଓ ସୁଶାନ୍ତ ରଣା, ସଇଁତଳା ବିଡିଓ ବିନୟ ଭୋଇ, ସଇଁତଳା ତହସିଲଦାର ଆଶିଷ ଏକ୍କା, ଟିଟିଲାଗଡ ତହସିଲଦାର ଶୁଭାଶିଷ ଶତପଥୀ, ଉପଖଣ୍ଡ ଚିକିତ୍ସାଧିକାରୀ, ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ, ସିଡିପିଓ ଏବଂ ଅନ୍ୟାନ୍ୟ ଉପଖଣ୍ଡସ୍ତରୀୟ ଅଧିକାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

# ଟିଟିଲାଗଡ଼ରେ ଡାଇମଣ୍ଡ ସର୍କସ

**ଟିଟିଲାଗଡ଼, ୧୩।୩(ସମିସ):** ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କଳାକାର ମାନଙ୍କୁ ନେଇ ଚାଲିଛି ଡାଇମଣ୍ଡ ସର୍କସ। ଚଳିତ ବର୍ଷ ଟିଟିଲାଗଡ ସହରକୁ ଆସିଛି ଡାଇମଣ୍ଡ ସର୍କସ। କେନିଆର ୬ ଜଣ ଯୁବକ, ୧ ଇଥୋପିଆ, ମଣିପୁରର ୭ ଜଣ ଯୁବତୀ , ଜୋକର ଗୌରାଙ୍ଗ ଏବଂ ଅନ୍ୟାନ୍ୟ କଳାକାରଙ୍କୁ ନେଇ ଦର୍ଶକଙ୍କୁ ହସାଇବା ସହ ବିଭିନ୍ନ ଖେଳ ପ୍ରଦର୍ଶନ କରି ଲୋକଙ୍କୁ ମନୋରଞ୍ଜନ କରୁଛନ୍ତି। ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ସର୍କସ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ତିନୋଟି ସୋ କରାଯିବ, ପ୍ରଥମ ସୋ ଅପରାହ୍ନ ୩ରେ, ଦ୍ୱିତୀୟ ଶୋ ୫ରେ, ତୃତୀୟ ଶୋ ୭.୩୦ରେ କରାଯାଉଛି ବୋଲି ଡାଇମଣ୍ଡ ସର୍କସର ମ୍ୟାନେଜର ଏମ ଡି ହସନାଇନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଛତୁଚାଷ ତାଲିମ ଶିବିର

**ଲାଞ୍ଜିଗଡ଼, ୧୩।୩(ସମିସ):** ବିଶ୍ୱନାଥପୁର ଦକ୍ଷିଣ ବନାଞ୍ଚଳ ମୂଷାନାଲ ସେକ୍ସନ କାର୍ଯ୍ୟାଳୟରେ ଫରେଷ୍ଟର ଚିନ୍ତାମଣି ମାଝୀଙ୍କ ଅଧକ୍ଷତାରେ ଛତୁଚାଷ ନିମନ୍ତେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୧୦୦ରୁ ଅଧବକ ମହିଳାଙ୍କୁ ଛତୁ ଚାଷ ପାଇଁ ତାଲିମ ପ୍ରଦାନ କରାଯାଇଛି। ଉମାକାନ୍ତ ମହାନ୍ତି ଛତୁ ଚାଷ ନିମନ୍ତେ ଉପସ୍ଥିତ ମହିଳାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନରୋତ୍ତମ ମାଝୀ, ନିରାକାର ଦାସ, ଅମୀୟ ତ୍ରିପାଠୀ, ଉଦିତ ନାଏକ, ସନ୍ତୋଷ ମାଝୀ, ତୁଳାରାମ ନିଆଳ ପ୍ରମୁଖ ଯୋଗ ଦେଇଥିଲେ।



## ଅଷ୍ଟମ ମା' ପଣ୍ଟେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# କ୍ୱାର୍ଟର ଫାଇନାଲରେ ସାମସିଙ୍ଗା

**କିଆକଟା, ୧୩।୩(ସମିସ)**

କିଆକଟା ପଞ୍ଚାୟତର ନାଏକପଡ଼ା ଗ୍ରାମରେ ମା ପଣ୍ଟେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ସାମସିଙ୍ଗା ଓ ଚଣ୍ଡିଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ଚଣ୍ଡିଗଡ଼ ଦଳ ୧୦ ଓଭରରେ ୫ ୱିକେଟ ହରାଇ ୬୧ ରନ୍ କରିଥିଲା। ଜବାବରେ ସାମସିଙ୍ଗା ଦଳ ୮ ଓଭରରେ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ବିଜେତା ଘୋଷିତ ହୋଇଥଲା। ଦ୍ୱିତୀୟାର୍ଦ୍ଧରେ ତ୍ରିବଣପୁର ଏବଂ ଧଉରାଖମଣ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ତ୍ରିବଣପୁର ୮ ଓଭରରେ ୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଚଣ୍ଡିଗଡ଼ ଦଳ ୭୫ ରନରେ ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ ସାମସିଙ୍ଗା ଏବଂ ତ୍ରିବଣପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସାମସିଙ୍ଗା ଦଳ ୬ ଓଭରରେ ୯୩ ରନ୍ ସଂଗ୍ରହ କରିଥିଲା। ତ୍ରିବଣପୁର ୮ ୱିକେଟରେ ୪୮ ରନ୍ କରି ପରାସ୍ତ ହୋଇଥିଲେ। ସାମସିଙ୍ଗା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।



ଏଥିରେ ମୁଖ୍ୟଅତିଥି ଭାବେ ସଞ୍ଜୀବ କର୍ମୀ ଓ ସମ୍ମାନୀତ ଅତିଥି ଭାବେ ଧୀରେନ ପ୍ରଧାନ, ହେରମ୍ବ ପ୍ରଧାନ, ଅଭିମନ୍ୟୁ କଲତା ଯୋଗ ଦେଇଥିଲେ। ଦିଲ୍ଲୀପ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଚୁଡାମଣି ପ୍ରଧାନ ସ୍କୋରର ଥିଲେ। ମ୍ୟାଚ ପରିଚାଳନାରେ ଦୁଶି ପ୍ରଧାନ ଓ ସରୋଜ ପ୍ରଧାନ ସହଯୋଗ କରିଥିଲେ। ୧୮ରେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ।

# ୫୦ ହଜାର ସହ ଲକ୍ଷାଧିକ ଟଙ୍କାର ଗହଣା ଚୋରି

**ଝାରସୁଗୁଡ଼ା, ୧୩।୩(ସମିସ)**

ବେଲପାହାଡ଼ ଥାନାଞ୍ଚଳରେ କିଛି ଦିନ ହେବ ସମାନ ଢଙ୍ଗରେ କ୍ରମାଗତ ଭାବେ ତୃତୀୟ ଥର ଚୋରି ହୋଇଛି। ଯାହା ବର୍ତ୍ତମାନ ପୁଲିସ ପାଇଁ ମୁଣ୍ଡ ବ୍ୟଥାର

## କୋଠରୀରୁ ଆଲ୍‌ମାରୀ ଟେକିନେଲେ ଦୁର୍ବୃତ୍ତ

## ବେଲପାହାଡ଼ରେ କ୍ରମାଗତ ତୃତୀୟ ଚୋରି

କାରଣ ପାଲଟିଯାଇଛି। ସଂପୃକ୍ତ ଚୋରମାନଙ୍କୁ ଗିରଫ କରିବାକୁ ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ହୋଇଯାଇଛି। ଅନ୍ୟପଟରେ ଏନେଇ ସହରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତକାଲି ବିଳମ୍ବିତ ରାତିରେ ବେଲପାହାଡ଼ ଗର୍ଡାଖାଇରରେ ରହୁଥିବା ନରସିଂ ମହାନ୍ତିଙ୍କ ବାସଭବନରୁ କେତେକ ଦୁର୍ବୃତ୍ତଏକ ଆଲମାରୀ ଟେକିନେଇ ସେଥିରେ ଥିବା ନଗଦ ୫୦ ହଜାର ଟଙ୍କା ସହ ଲକ୍ଷାଧିକ ମୂଲ୍ୟର ଗହଣା ଚୋରି କରିଥିବା ଜଣାପଡ଼ିଛି। ଅଭିଯୋଗକ୍ରମେ ପୁଲିସ ତନାଘନା ଚଳାଇଛି।

ପୁଅ ବୋହୂ ଗାଁକୁ ଯାଇଥିଲେ। ସୁଯୋଗ ନେଇ ମଙ୍ଗଳବାର ରାତିରେ ଚୋର କଳାକନା ବୁଲାଇ ଦେଇଛନ୍ତି। ଘରେ ନରସିଂହ ଓ ତାଙ୍କ ପତ୍ନୀ ଜ୍ୟୋତି





ଅଲଗା ଅଲଗା ଦୁଇଟି କୋଠରୀରେ ଶୋଇଥିଲେ। ଏହି ସମୟରେ କେତେକ ଚୋର ବାସଭବନର ମୁଖ୍ୟ କବାଟ ତାଡ଼ି ଘର ଭିତରକୁ ପଶିଥିଲେ। ଚୋରମାନେ ଉଭୟ କୋଠରୀ କବାଟର ଶିକୁଳିକୁ ବାହାରୁ ବନ୍ଦ କରିଥିଲେ। ଏହାପରେ ତାଙ୍କ ପୁଅ-ବୋହୂଙ୍କ କୋଠରୀରୁ ଏକ ଆଲମାରୀ ଟେକିନେଇ ୫୦୦ ମିଟର ଦୂରରେ ଥିବା ଏକ ଖାଲୁଆ ସ୍ଥାନରେ ତାଲା ଭାଙ୍ଗି ସେଥିରେ ଥିବା ନଗଦ ୫୦ ହଜାର ଟଙ୍କା ସହ ୧୦ ଭାରିରୁ ଉର୍ଦ୍ଧ୍ୱ ସୁନା ଗହଣା, ୨ଟି ରୁପା ପାଉଁଜି ଆଦି ଲକ୍ଷାଧିକ ମୂଲ୍ୟର ଗହଣା ଚୋରି କରି ଅଭିଯୋଗ ହୋଇଛି। ନରସିଂହ ଘର ସମ୍ନାରେ ଥିବା ସିସିଟିଭି କ୍ୟାମେରାକୁ ଚୋରି ପୂର୍ବରୁ ଦୁର୍ବୃତ୍ତମାନେ କପଡ଼ାରେ ଢାଙ୍କି ଦେଇଥିଲେ। ଦୁର୍ବୃତ୍ତମାନେ ଭାଙ୍ଗିଥିବା ତାଲାକୁ ମଧ୍ୟ ସେଠାରୁ ନେଇଯାଇଥିଲେ। ଆଜି ବୁଧବାର ଭୋର ୩ ଟାରେ ନରସିଂହ ଉଠି ଦେଖିଲା ବେଳକୁ ତାଙ୍କ କୋଠରୀ କବାଟ ବାହାରୁ ବନ୍ଦ ରହିଥିଲା। ତାଙ୍କ ପତ୍ନୀଙ୍କୁ ସେ କଲ୍ କରିବାରୁ ସେ ମଧ୍ୟ ବାରମ୍ବାର ରିଙ୍ଗ ସତ୍ତ୍ୱେ ଆଉ ଉଠାଇଥିଲେ। ପରେ ନରସିଂହ ନିଜ କୋଠରୀ କବାଟ ଶିକୁଳି ଭାଙ୍ଗି ବାହାରି ଦେଖିଲା ବେଳେ ଚୋରି ହୋଇଥିବା କଥା ଜାଣିଥିଲେ। ଗାନ୍ଧୀନଗର ଗର୍ଡାଖାଇ ଚୋରି ଘଟଣାରେ ଚୋରମାନେ କିଛି ନିଶାଦ୍ରବ୍ୟ କୌଶଳତାର ସହ ସ୍ପ୍ରେ କରି ଘର ଲୋକଙ୍କୁ ଅଚେତ କରିଦେଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଏପରିକି ପଡୋଶୀ ଘରକୁ ମଧ୍ୟ ଚୋରମାନେ ଘର ବାହାରୁ ଶିକୁଳି ପକାଇ ଦେଇଥିଲେ। ଏହାସହ ପଡୋଶୀ ଜଣେ ଯୁବକ ଘରେ ନିଜ ଚେୟାରରେ ବସିଥିଲା ବେଳେ କାଳେ ଚୋରଙ୍କ ନିଶାଦ୍ରବ୍ୟ ସ୍ପ୍ରେ କରିବା ଦ୍ୱାରା ରାତି ସାରା ଉକ୍ତ ଯୁବକ ଜଣକ ସେହି ଚେୟାରରେ ହିଁ ଅଚେତ ହୋଇ ଶୋଇଥିବା ଘଟଣା ସହରବାସୀଙ୍କୁ ଆତଙ୍କିତ କରିଛି। ଏନେଇ ବେଲପାହାଡ଼ ପୁଲିସ ଖବର ପାଇ ଘଟଣାସ୍ଥଳକୁ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଦଳ ସହାୟତାରେ ଅଧିକ ତଦନ୍ତ ଜାରି ରଖିଛି। ପୁଲିସ ଆଖପାଖରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

ନିକଟ ଅତୀତରେ ବେଲପାହାଡ଼ ଆଇଟିଆଇ ପଡ଼ାରେ ରହୁଥିବା ଉଦ୍ଧବ ପ୍ରଧାନଙ୍କ ଘରୁ ଓ ସେହିପରି ଗତ ସୋମବାର ରାତିରେ ବେଲପାହାଡ଼ ବାବାପଡ଼ାର ମହମ୍ମଦ ରାଜୁଙ୍କ ଘରୁ ଏକ ଆଲମାରୀର ତାଲା ଭାଙ୍ଗି ସେଥିରେ ଥିବା ସୁନାର ପତ୍ରମାଳି ୨ଟି, ସୁନା ମୁଦି ୩ଟି ଓ ହଳେ ରୁପା ପାଉଁଜି ଆଦି ଲକ୍ଷାଧିକ ମୂଲ୍ୟର ଗହଣା ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ଏହି ଚୋରି ଘଟଣାରେ ମଧ୍ୟ ସେହି ଚୋରଙ୍କ ସଂପୃକ୍ତି ଥାଇପାରେ ବୋଲି ଅନୁମାନ କରାଯାଇଛି। ଚୋରଙ୍କ ସମ୍ପର୍କରେ ଏଯାଏ ପୁଲିସକୁ କୌଣସି ସୁରାକ ମିଳିପାରିନାହିଁ।

# ଦୁର୍ଘଟଣାରେ ପୂର୍ବତନ ସମିତିସଭ୍ୟଙ୍କ ମୃତ୍ୟୁ

**ଝାରସୁଗୁଡ଼ା/ଲଖନପୁର, ୧୩।୩(ସମିସ):** ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଅମ୍ବାପାଲି ଗ୍ରାମ ନିକଟସ୍ଥ ଏକ ବୁଲାଣି ରାସ୍ତାରେ ବାଇକ ଆରୋହୀ ଜଣେ ପୂର୍ବତନ ସମିତିସଭ୍ୟଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ବାଇକ୍ ଭାରସାମ୍ୟ ହରାଇବାରୁ ପୂର୍ବତନ ସମିତିସଭ୍ୟ ୧୯ ଖଣ୍ଡ ମୌଜା ଧୁଲୁଣ୍ଡା ଗ୍ରାମର ଗଙ୍ଗାରାମ ଭୋଇଙ୍କ ପୁଅ ରାଜକୁମାର (୫୪)ଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି। ରାଜକୁମାର ଏକ ବାଇକ ଯୋଗେ ନିଜ ଗାଁରୁ କୌଣସି କାର୍ଯ୍ୟ ପାଇଁ କନକତୋରା ପଟକୁ ଆସିଥିଲେ। ରାଜକୁମାର



ରାତି ପ୍ରାୟ ୯ଟାରେ ଘରକୁ ଫେରୁଥିବା ବେଳେ ଅମ୍ବାପାଲି ଗ୍ରାମ ନିକଟସ୍ଥ ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବାଇକରେ ଯିବା ବେଳେ ହଠାତ୍ ତାଙ୍କ କିଛି ଶାରୀରିକ ଅସୁସ୍ଥତା ଯୋଗୁଁ ଏହିପରି ଦୁର୍ଘଟଣା ଘଟିଥାଇ ପରେ ବୋଲି ସାଧାରଣରେ ଚର୍ଚ୍ଚା ମଧ୍ୟ ହେଉଛି। ବୁଧବାର ସକାଳେ ଅମ୍ବାପାଲି ଗ୍ରାମ ନିକଟସ୍ଥ ରାସ୍ତା କଡ଼ରେ ରାଜକୁମାର ମୃତଦେହ ପଡିଥିବାର ଦେଖି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ରେଙ୍ଗାଲି ପୁଲିସ ଶବ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ପୁଲିସ ମୃତ ରାଜକୁମାରଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଅନ୍ୟପଟେ ଅଞ୍ଚଳବାସୀ ମୃତ ପରିବାରବର୍ଗଙ୍କୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଦାବି ଜଣାଇଛନ୍ତି। ମୃତ ରାଜକୁମାର ପେସାରେ ଜଣେ ଚାଷୀ ଥିବାବେଳେ ସେ ଚାରପାଲି ପଞ୍ଚାୟତରୁ ଦୁଇ ଦୁଇ ଥର ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ନିଜକୁ ସର୍ବଦା ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ରଖିଥିଲେ। ତାଙ୍କ ପରିବାରରେ ପତ୍ନୀଙ୍କ ସହ ତିନୋଟି ଝିଅ ଅଛନ୍ତି।

# ନାବାଳିକା ଦୁଷ୍କର୍ମ ମାମଲାରେ ଯୁବକ ଗିରଫ

**ଦେବଗଡ଼, ୧୩।୩(ସମିସ):** କୁଣ୍ଡେଇଗୋଳା ଥାନାଞ୍ଚଳରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ଜଣେ ଯୁବକ ପ୍ରେମ ସମ୍ପର୍କ ସ୍ଥାପନ କରି ବିବାହର ପ୍ରତିଶ୍ରୁତି ଦେଇ ବଳପୂର୍ବକ ଦୁଷ୍କର୍ମ କରିଥିବା ନେଇ ପୀଡିତା ଥାନା କୁଣ୍ଡେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ପ୍ରତାରକ ପ୍ରେମିକର ମା' ଓ ପିଉସୀ ନାବାଳିକାକୁ ମାଡ଼ ମାରିଥିବା ନେଇ ଅଭିଯୋଗ ଆଧାରରେ ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁକରି ଅଭିଯୁକ୍ତ ପ୍ରେମିକ ଦୀପକ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦୀପକକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

# ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତିଙ୍କୁ ସମ୍ବର୍ଦ୍ଧନା

**ଝାରସୁଗୁଡ଼ା, ୧୩।୩(ସମିସ):** ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ସୁରଙ୍ଗ ପଧାନଙ୍କୁ ଜିଲ୍ଲାର ଲୋକ କଳାକାରମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନିକଟରେ ଓଡ଼ିଶାର ସମସ୍ତ ଜିଲ୍ଲା କଳାସଂସ୍କୃତି ସଂଘ ଉପସଭାପତିମାନେ ଦୁବାଇ ପରିଭ୍ରମଣରେ ଯାଇଥଲେ। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ପ୍ରଧାନ ତାଙ୍କର ଦୁବାଇ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନୀଲ କେର୍କେଟା ଓ ଡିଆଇପିଆରଓ ଅଜୟ ଜେନାଙ୍କ ସମେତ ଲଖନପୁର ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଦେବାଧି ପ୍ରଧାନ, ଲାଇକେରା ଉପସଭାପତି ଲକ୍ଷ୍ମଣ ପଟେଲ, ଝାରସୁଗୁଡ଼ାର ଗଜରାଜ ପ୍ରଧାନ ଓ କିର୍ମିରା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ରୋହିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କଳାକାରମାନଙ୍କ ପକ୍ଷରୁ ଶ୍ରୀ ପଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କିର୍ମିରା ବ୍ଲକ କଳା ସଂସ୍କୃତି ସଂଘର କାର୍ଯ୍ୟକାରୀ ଉପସଭାପତି ନଳିନୀ ଦାସ ସଞ୍ଚାଳନ କରିଥିଲେ।



### ବାଲିରୋଇରେ ପାନୀୟଜଳ ସମସ୍ୟା

# ବସୁଧା ଯୋଜନାରୁ ପାଣି ଦାବିରେ ଜିଲ୍ଲାପାଳଙ୍କୁ ଦାବି



**ଦେବଗଡ,୧୩।୩(ସମିସ):** ବାରକୋଟ ବ୍ଲକ ଅନ୍ତର୍ଗତ ବାଲିରଇ ଗ୍ରାମରେ ଥିବା ବସୁଧା ପାନୀୟଜଳ ପ୍ରକଳ୍ପରୁ ଜଳଯୋଗାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀ ପିଇବା ପାଣି ସମସ୍ୟା ନେଇ ବୁଧବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଏ ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଚନ୍ଦନ ସାହୁ, କ୍ଷୀରୋଦିନୀ ପେଣ୍ଟେଇ, ନନ୍ଦିନୀ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ବାଲିରୋଇ ଗ୍ରାମରେ ଗ୍ରାମବାସୀଙ୍କ ଜଳଯୋଗାଣ ନିମନ୍ତେ ବସୁଧା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। କିଛି ଦିନ ଜଳଯୋଗାଣ ହେବା ପରେ କୌଣସିକାରଣ ବଶତଃ ଗ୍ରାମରେ ଜଳଯୋଗାଣ ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ଗ୍ରୀଷ୍ମର ଆରମ୍ଭ ସହ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ସମୟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ପ୍ରକଳ୍ପରୁ ଗ୍ରାମବାସୀଙ୍କୁ ତୁରନ୍ତ ଜଳଯୋଗାଣ କରିବା ପାଇଁ ଦାବି କରିଛନ୍ତି। ସେହିପରି ଗ୍ରାମବାସୀଙ୍କୁ ବସୁଧା ପ୍ରକଳ୍ପରୁ ଜଳଯୋଗାଣ କରା ନଗଲେ ଆଗାମୀ ଦିନରେ ପଞ୍ଚାୟତ କାର୍ଯ୍ୟାଳୟକୁ ବନ୍ଦ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଗ୍ରାମବାସୀଙ୍କ ଆନ୍ଦୋଳନରେ କଂଗ୍ରେସ ସାମିଲ ହେବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ପ୍ରକାଶ କରିଛନ୍ତି।

# ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ସଚେତନତା

**ଝାରସୁଗୁଡ଼ା, ୧୩।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ତଫସିଲଭୁକ୍ତ ଜାତି ଓ ଜନଜାତି (ଅତ୍ୟାଚାର ରୋକିବା) ଅଧିନିୟମ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଅର୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଅଧ୍ୟକ୍ଷ ଦିଗାମ୍ବର ପୃଷ୍ଟିଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଳତ (ଜନ ଉପଯୋଗୀ ସେବା) ଅଧ୍ୟକ୍ଷ ଅଶ୍ୱିନୀ ନାୟକ ଓ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ ସୁଶ୍ରୀ ନେହା ଦାସ ଯୋଗଦେଇ ତଫସିଲଭୁକ୍ତ ଜାତି ଓ ଜନଜାତି (ଅତ୍ୟାଚାର ରୋକିବା) ଅଧିନିୟମରେ ଥିବା ବିଭିନ୍ନ ଆଇନ୍ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅର୍ଡା ସରପଞ୍ଚ ବୀଣାପାଣି ପୋଢ଼ ଏବଂ ଆଇନ୍ ସହାୟତା ପ୍ରତିପକ୍ଷ ଓକିଲ କାର୍ଯ୍ୟାଳୟ ଝାରସୁଗୁଡ଼ାର ସହାୟକ ଆଇନ୍ ସହାୟତା ପ୍ରତିପକ୍ଷ ଓକିଲ ଯୋଗ ଦେଇଥିଲେ। ଉପରୋକ୍ତ ବିଷୟବସ୍ତୁ ସହ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ବିଭିନ୍ନ କାର୍ଯ୍ୟକଳାପ ଯଥା ମାଗଣା ଆଇନ୍ ପରାମର୍ଶ, ମାଗଣା ଓକିଲ ଯୋଗାଇଦେବା, ପୀଡିତା କ୍ଷତିପୂରଣ ଯୋଜନା, ଆପୋଷ ବୁଝାମଣା ମାଧ୍ୟମରେ ଯେକୌଣସି ବିବାଦର ସମାଧାନ ଇତ୍ୟାଦି ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା।



# ବାରକୋଟ ନୂତନ ଥାନା କୋଠା ଲୋକାର୍ପିତ

**ଦେବଗଡ଼, ୧୩।୩(ସମିସ):** ଦେବଗଡ଼ ଜିଲ୍ଲାର ବାରକୋଟ ଥାନା କୋଠାର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ୫ଟା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରଚୁଆଲ ମୋଡ଼ରେ ନବନିର୍ମିତ ଥାନା କୋଠାକୁ ଅଞ୍ଚଳବାସୀଙ୍କ ସେବାରେ ଲୋକାର୍ପଣ କରିଥିଲେ। ଏହି ଅତ୍ୟାଧୁନିକ କୋଠା ବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ସହାୟତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଥିବା ବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ପୁଲିସ ସେବା ଅଞ୍ଚଳର ଶାନ୍ତିଶୃଙ୍ଖଳା ପ୍ରତିଷ୍ଠାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଦେବଗଡ଼ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଦେବଗଡ଼ ଏସପି ରାମପ୍ରସାଦ ସାହୁ,ଚତୁର୍ଥ ଆଇଆରବି କାମାଣ୍ଡାଣ୍ଟ ପ୍ରସାଦ ତାମାଙ୍ଗ, ଅତିରିକ୍ତ ଏସପି ହେମନ୍ତ ପଣ୍ଡା, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଡିଏସପି ଡିଆଇବି ପବିତ୍ର କିଷାନ, ଡିଏସପି ଏଚଆରପିସି କୈଳାଶଚନ୍ଦ୍ର ବୁରୁଡ଼ା, ବାରକୋଟ ଥାନାଧିକାରୀ ଯାଜ୍ଞସେନି ପ୍ରଧାନ, ଦେବଗଡ଼ ଥାନାଧିକାରୀ ସରୋଜ ସେଠୀ, ରିଆମାଳ ଥାନାଧିକାରୀ ସତ୍ୟବ୍ରତ ସାହୁ, କୁଣ୍ଡେଇଗୋଳା ଥାନାଧିକାରୀ ପ୍ରତିଭା ଟପ୍ପୋ ଓ ରିଜର୍ଭ ଇନ୍ସପେକ୍ଟର ହାମ୍ବ୍ରିରା ସୋରେନଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



# ଟିପିଡବ୍ଲୁଓଡିଏଲ୍‌ର ସିଏସ୍‌ଆର୍ କ୍ରିକେଟ୍ ମ୍ୟାଚ୍

**ଝାରସୁଗୁଡ଼ା, ୧୩।୩ (ସମିସ):** ପଣ୍ଡରୀଠାରେ ଟିପିଡ଼ବ୍ଲୁଓଡିଏଲ୍‌ର ସିଏସ୍‌ଆର କାର୍ଯ୍ୟକ୍ରମ ତରଫରୁ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଟିପିଡ଼ବ୍ଲୁଓଡିଏଲ ସିଏସ୍‌ଆରର ଅରୁଣା ମାରାଣ୍ଡି ମୁଖ୍ୟଅତିଥି ଭାବେ ଏବଂ ସହଯୋଗୀ ପ୍ରୋଜେକ୍ଟ ମ୍ୟାନେଜର ଶିବୁ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ଶୁଭାସିନୀ ସାହୁ ଅତିଥି ଏବଂ ଖେଳାଳିଙ୍କୁ ସମ୍ବୋଧିତ କରିଥିଲେ। ଟିପିଡବ୍ଲୁଓଡିଏଲ ଝାରସୁଗୁଡା ଏବଂ ମହାକାଲ ୧୧ ପଣ୍ଡରୀ ମଧ୍ୟରେ ଟିପିଡ଼ବ୍ଲୁଓଡିଏଲ ଝାରସୁଗୁଡା ବିଜୟୀ ହୋଇଥିଲା। ଟିପିଡ଼ବ୍ଲୁଓଡିଏଲର ଅଭିଷେକ ମ୍ୟାନ ଅଫ ଦି ମ୍ୟାଚ୍ ପାଇଥିବା ବେଳେ ମୁକୁନ୍ଦ ବେଷ୍ଟ ବେଟ୍ସମ୍ୟାନ ରୁପେ ବିବେଚିତ ହୋଇଥିଲେ। ଏଇଡେଣ୍ଟର ପୂର୍ବତନ ଜିଲ୍ଲା ସଂଯୋଜକ ଧୀରଜ ସାହୁ ପରିଚାଳନା କରିଥିବା ବେଳେ ପଣ୍ଡରି କ୍ରିକେଟ୍ ଆସୋସିଏସନ୍ ର ବିକାଶ, ସାମଲ, ପିଣ୍ଟୁ, ବଣ୍ଟି, ନିର୍ମଳ, ରଞ୍ଜନ, ମାନସ, ଦକ୍ଷ, ଅଜୟ, ରିଙ୍କୁ, ନିମାଇଁ ସହଯୋଗ କରିଥିଲେ।



### ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ

# ବ୍ରଜରାଜନଗର ଓ ବେଲପାହାଡ଼ରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ





**ଝାରସୁଗୁଡ଼ା,୧୩।୩(ସମିସ)**

ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ଓ ବେଲପାହାଡ଼ରେ ମୁଖ୍ୟମନ୍ତ୍ରୀ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପଣ କରିଛନ୍ତି। ବ୍ରଜରାଜନଗର ଖଲିଆକାନିଠାରେ ରାଜ୍ୟ କ୍ରୀଡା ଓ ଯୁବ ବିକାଶ ବିଭାଗ ପାଣ୍ଠିରୁ ୧୦ କୋଟି ୩୭ ଲକ୍ଷ ୨୦ ହଜାର ଟଙ୍କା ଓ ବେଲପାହାଡ଼ କାଦୁପଡାଠାରେ ୧୦ କୋଟି ୨୦ ଲକ୍ଷ ୭୯ ହଜାର ଟଙ୍କା ବିନିଯୋଗରେ ଇନ୍‌ଡୋର ଷ୍ଟାଡିୟମର ଲୋକାର୍ପଣ ହୋଇଛି। ବ୍ରଜରାଜନଗରରେ ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବେଲପାହାଡ଼ରେ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ରଜରାଜନଗରଠାରେ ଆୟୋଜିତ ଉତ୍ସବରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ପାଣିଗ୍ରାହୀ,ଏସ୍ ଡିପିଓ, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଓ ବି କେ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିବା ବେଳେ ବେଲପାହାଡ଼ ଉତ୍ସବରେ ବେଲପାହାଡ଼ ପୌର ପରିଷଦ ଅଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରସନ୍ନ ପଟେଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂହ, କ୍ରିକେଟ କୋଚ୍ ସୁଶୀଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ବ୍ରଜରାଜନଗର ଓ ବେଲପାହାଡ଼ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, କ୍ରୀଡ଼ା ସଙ୍ଗଠନ କର୍ମକର୍ତ୍ତା ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।



**■ ଜିଏମୟୁରେ ଜେଏନୟୁ ଅଧ୍ୟାପିକାଙ୍କ ବକ୍ତବ୍ୟ ବନ୍ଦ ପ୍ରସଙ୍ଗ**

## ନିନ୍ଦା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ପ୍ରୋଗ୍ରେସିଭ ସମ୍ବଲପୁର ସଂଗଠନ

**ସମ୍ବଲପୁର, ୧୩।୩(ସମିସ):** ଗତ କାଲି ମହିଳା ଦିବସ ଜିଏମୟୁରେ ପାଳିତ ସମୟରେ ଜେଏନୟୁ ପ୍ରଫେସର ନିବେଦିତା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧାରୁ କେତେକ ଛାତ୍ର ଓ ଅଣ ଛାତ୍ର ତାଙ୍କୁ ବିରୋଧ କରି ସଭା ବନ୍ଦ ମଧ୍ୟ କରିଥିଲେ। ଏହ ପ୍ରସଙ୍ଗରେ ପ୍ରୋଗ୍ରେସିଭ ସମ୍ବଲପୁର ସଂଗଠନ ନିନ୍ଦା କରିଛି ଏବଂ କଡା କାର୍ଯ୍ୟାନୁଷ୍ଠା ଗ୍ରହଣ କରିବାକୁ ଦାବି କରିଛି। ବିଶ୍ୱବିଦ୍ୟାଳୟ ପ୍ରଶାସନ ବିନା କୌଣସି ଆଲୋଚନା ଏବଂ ତର୍ଜମା ଦ୍ୱାରା ଜଣେ ଶିକ୍ଷାବିତ୍‌ଙ୍କୁ କ୍ୟାମ୍ପସକୁ ନିମନ୍ତ୍ରଣ କରିବା, କେତେ ଦୂର ପର୍ଯ୍ୟନ୍ତ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛି। କାର୍ଯକ୍ରମରେ କେବଳ ପ୍ରଫେସର୍ ନିବେଦିତା ମେନନ୍ ନଥିଲେ, ସେ କାର୍ଯକ୍ରମରେ ଅଭିଭାଷଣ ରଖିବା ପାଇଁ ସମ୍ବଲପୁର ଜିଲ୍ଲାର ଅନେକ ସୁନାମଧନ୍ୟ ବ୍ୟକ୍ତିବିଶେଷ ଏବଂ ନାଟ୍ୟ କଳାକାରମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ଜଣକ ପାଇଁ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ଅପଦସ୍ତର ଶିକାର ହୋଇଥିଲେ। ଏହି ଘଟଣା ବେଳେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ କେତେକ ଅଧ୍ୟାପକ ମଧ୍ୟ ଖରାପ୍ ବ୍ୟବହାର ଦେଖାଇଛନ୍ତି। ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ଉଠିଛି ଯେ କେଉଁ ହକ୍‌ରେ ସେ ଅଧ୍ୟାପକମାନେ ଏଭଳି ବ୍ୟବହାର କଲେ ? ଯଦି ଅତିଥିଙ୍କୁ ଡ଼ାକି ଅତିଥି ସତ୍କାର କରିପାରୁନାହିଁ ବିଶ୍ୱବିଦ୍ୟାଳୟ ପ୍ରଶାସନ ତ ଏତେ ଡ୍ରାମା କଣ ପାଇଁ? ସମ୍ବଲପୁର ଜିଲ୍ଲାର ଶିକ୍ଷାନୁଷ୍ଠାନ ତଥା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସରେ ଏହା ଏକ ବିରଳ ଦୃଶ୍ୟ ଏବଂ ଅତ୍ୟନ୍ତ ଲଜ୍ୟାଜନକ, ଯାହା ପାଇଁ ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀ ମହଲରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଗୋଟେ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଚାରଧାରାରେ ଅନୁପ୍ରାଣିତ ଛାତ୍ରଛାତ୍ରୀ ରୁହନ୍ତି ଏବଂ ସେମାନଙ୍କ ଆନ୍ଦୋଳନ କରିବାର ସ୍ୱତନ୍ତ୍ରତା ଏବଂ ଅଧିକାର ମଧ୍ୟ ଅଛି, କିନ୍ତୁ ଆସନ୍ତାକାଲିର ଆନ୍ଦୋଳନ ଏକ ଆନ୍ଦୋଳନ ନଥିଲା। ଏହା ବିଶ୍ୱବିଦ୍ୟାଳୟ ପରିସରରେ ଏକ ଅପ୍ରୀତିକର ଏବଂ ଆତଙ୍କିତ ପରିସ୍ଥିତି ସୃଷ୍ଟି କରିଥିଲା। ଏଥି ପାଇଁ ଆଜି ପ୍ରୋଗ୍ରେସିଭ ସମ୍ବଲପୁର ସଙ୍ଗଠନ ତରଫରୁ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ଉପ କୁଳସଚିବଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରା ଯାଇଛି। ଉକ୍ତ କାର୍ଯକ୍ରମରେ ଥିବା ଅନ୍ୟମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଯେଭଳି ଭାବରେ ଅପଦସ୍ତ କରାଯାଇଛି ଏବଂ ସେଥିରେ ସାମିଲ୍ ଥିବା ଅଧ୍ୟାପକମାନଙ୍କୁ ଖୁବ୍ ଶୀଘ୍ର ତର୍ଜମା କରି ଏହା ଉପରେ କଡାକଡି ଭବରେ କାର୍ଯ୍ୟନୁଷ୍ଠାନ ନିଆଯାଉ ବୋଲି ପ୍ରୋଗ୍ରେସିଭ ସମ୍ବଲପୁର ଦାବି କରିଛି।

**ଦିବ୍ୟାଙ୍ଗ ହୋଇ ବି ଆତ୍ମନିର୍ଭରଶୀଳ**

# ବଳଦେବଙ୍କ ଗୋଟେ ହାତରେ ପରିବାରର ବୋଝ

**ସମ୍ବଲପୁର, ୧୩।୩(ସମିସ)**

ଆଜିର ଯୁବପିଢ଼ି ସୁସ୍ଥ ସବଳ ଥିଲେ ମଧ ପରିବାରର ବୋଝ ମୁଣ୍ଡେଇବା ପାଇଁ ରାଜି ହେଉ ନାହାନ୍ତି। ହେଲେ ସମାଜରେ ଏମିତି କିଛି ବ୍ୟକ୍ତିତ୍ୱ ଅଛନ୍ତି ଯିଏ ଗୋଟାଏ ହାତରେ ମଧ ପରିବାରର ଦାୟିତ୍ୱ ସମ୍ଭାଳିଛନ୍ତି। ପିଲାଟି ବେଳୁ ବିଦ୍ୟୁତ ଆଘାତରେ ଗୋଟେ ହାତ ସମ୍ପୂର୍ଣ୍ଣ ହରାଇଛନ୍ତି। ଗୋଟେ ହାତ ସିନା ଚାଲିଗଲା କିନ୍ତୁ ମନରୁ କାମ କରିବାର ନିଶା ଯାଇନି। ଏ ହେଉଛି ସୋନପୁର ଜିଲ୍ଲା ସୁବଳୟ ଗ୍ରାମର ୨୬ ବର୍ଷୀୟ ବଳଦେବ ଭୋଇଙ୍କ କାହାଣୀ। ଏକ ସପିଂ ମଲରେ ସେ ସେଲ୍ସମ୍ୟାନ ଭାବରେ କାର୍ଯ୍ୟରତ ଅଛନ୍ତି। ନିଜକୁ କେବେ ହେଲେ ସାଧାରଣ ମଣିଷଠୁ ସେ କମ୍ ଭାବି ନାହାନ୍ତି। କାମ କରି ସ୍ୱାଭିମାନର ସହ ବଞ୍ଚିବାର ବାଟ ନିଜେ ଖୋଜି ପାଇଛନ୍ତି। ତାଙ୍କ ସାହସିକତା ଓ ସ୍ୱାଭିମାନୀ କାର୍ଯ୍ୟ, ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ।

ବଳଦେବ ଆଠ ବର୍ଷ ବୟସରେ ଦୁର୍ଘଟଣାର ଶିକାର ହୋଇଥିଲେ। ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବାମ ହାତରେ ଆଘାତ ଲାଗିଥିଲା। ଚିକିତ୍ସାରେ ଡାକ୍ତର ହାତ କାଟିବା ପାଇଁ ପରାମର୍ଶ ଦେଇଥିଲେ। ଛୁଆ ଦିନୁ ବାମ ହାତ ହରାଇଲେ। ପୁରୁଷ ପିଲା ଦିବ୍ୟାଙ୍ଗ ହୋଇଗଲା ଭାବି ପରିବାର ଦୁଃଖରେ ଭାଙ୍ଗିଯାଇଥିଲା। ହେଲେ ସାଧାରଣ ମଣିଷ



ଯେପରି କାମ କରି ନିଜେ ରୋଜଗାରକ୍ଷମ ହୋଇ ପାରୁଛନ୍ତି ସେହିପରି ହେବେ ବୋଲି ମନସ୍ଥ କରିଥିଲେ ବଳଦେବ। ୪ ବର୍ଷ ପୂର୍ବରୁ ମାଲକାନଗିରିର ଏକ ସପିଂ ମଲରେ ପ୍ରଥମେ ସେଲ୍ସ ବୟ ଭାବରେ କାମ କଲେ। ଏବେ ସମ୍ବଲପୁର ସହରର ଏକ ସପିଂ ମଲରେ କାମ କରୁଛନ୍ତି।

ପରିବାରରେ ବାପା ମା ଭାଇ ସମସ୍ତେ ଅଛନ୍ତି। ସେମାନଙ୍କ ଉପରେ ବୋଝ ନହେଇ ନିଜ ଗୋଡ଼ରେ ଠିଆ ହେବା ପାଇଁ ସେ ସ୍ଥିର କଲେ। ସେଥିପାଇଁ ନିଜେ କିଛି କାମ କରି ରୋଜଗାର କରିବାକୁ ନିଷ୍ପତ୍ତି ନେଲେ। ଆତ୍ମବିଶ୍ୱାସ ବଳରେ ଏବେ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବଳଦେବ। ଦରମା ପଇସାରେ ନିଜେ ଆତ୍ମନିର୍ଭର ହୋଇ ଚଳିବା ସହ ପରିବାରକୁ ମଧ କିଛି ସାହାଯ୍ୟ କରୁଛନ୍ତି। ମନରେ ତାଙ୍କର ଅନେକ ଆଶା, ଆଉ ଜୀବନର ଚଲାପଥରେ ଆଗକୁ ବଢ଼ିବାର ସ୍ୱପ୍ନ ରହିଛି। ହେଲେ ପୁରା ହେବ କି ନାହିଁ ଜଣା ନାହିଁ ବୋଲି ସେ କୁହନ୍ତି। ଆଜିକାଲି ସୁସ୍ଥ ସବଳ ଓ ଶିକ୍ଷିତ ଯୁବକମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। କିଛି ଟଙ୍କା ପାଇଁ ହତ୍ୟା ଲୁଣ୍ଠନ ଭଳି କୁକର୍ମକୁ ଆପଣେଇବାକୁ ପଛାଉନାହାନ୍ତି। ନିଶା ଦ୍ରବ୍ୟ ପାଇଁ ଟଙ୍କା ନ ପାଇଲେ ବାପାମାଆଙ୍କୁ ମଧ ଜୀବନରେ ମାରି ଦେବା ଘଟଣା ଘଟୁଛି। ସେହିଭଳି ପଥଭ୍ରଷ୍ଟଙ୍କୁ ଉଚିତ ମାର୍ଗଦର୍ଶନ ପାଇଁ ବଳଦେବ ଜଣେ ରୋଲ ମଡେଲ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଟ୍ରକ-ଟ୍ରେଲର ଦୁର୍ଘଟଣା

**ସମ୍ବଲପୁର, ୧୩।୩(ସମିସ):** ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ଛକରେ ଟ୍ରଲର ସହ ଏକ ଟ୍ରକର ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ କୌଣସି ପ୍ରାଣହାନୀ ହୋଇନଥିବା ସଦର ଥାନାରୁ ସୂଚନା ମିଳିଛି। କୌଣସ ଏକ କମ୍ପାନିର ଗାଡି ହୋଇଥିବାରୁ ଦୁର୍ଘଟଣା ହେବା ପରେ ମଧ ଥାନାର ଦ୍ୱାରସ୍ଥ ହୋଇନଥିବା ଜଣା ପଡ଼ିଛି। ଦୁର୍ଘଟଣାରେ ଉଭୟ ଗାଡିର ଆଗ ପାର୍ଶ୍ୱ ଭାଙ୍ଗି ଯାଇଛି। ଟ୍ରକ ଚାଳକ ସାମାନ୍ୟ ଆହାତ ହୋଇ ଚିକିତ୍ସିତ ହେଉଛନ୍ତି।

## କ୍ୟାମ୍ପରେ ଶ୍ରମିକଙ୍କୁ ଆକ୍ରମଣ

**ସମ୍ବଲପୁର, ୧୩।୩(ସମିସ):** ଧନୁପାଲି ଥାନା ଭତରାରେ ଥିବା ଏକ ଠିକା ସଂସ୍ଥାର ଶ୍ରମିକମାନେ ରହୁଥିବା କ୍ୟାମ୍ପକୁ ଗତକାଲି ବିଳମ୍ବିତ ରାତିରେ ମୁଖା ପିନ୍ଧା ଦୁର୍ବୃତ୍ତମାନେ ପଶିଥିଲେ।ମାଡ ମାରିବା ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଘଟଣାରେ ଯୁଯୁମୁରା ଥାନା ବାରଲୋଇ ଗ୍ରାମର କପିଳାସ ପ୍ରଧାନ(୪୩)ଙ୍କୁ ମରାଣାତ୍ମକ ଆକ୍ରମଣ କରିଥିଲେ। ତିନି ଜଣ ଯୁବକ ପିଶି ଆସି ଗାଳି ଗୁଲୁଜ ସହ ଝଗଡ଼ା କରିଥିଲେ। ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। କପିଳାସ ମୁଣ୍ଡରେ ଓ ମୁହଁରେ ଆକ୍ରମଣ କରିବାରୁ କ୍ଷତାକ୍ତ ହୋଇ ଅଚେତ ହୋଇ ପଡ଼ିଥିଲେ। ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରି ଥାନାରେ ଅଭିଯୋଗ କରିଛନ୍ତି। ଧନୁପାଲି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ନିର୍ମାଣାଧୀନ ଘରୁ ମୋବାଇଲ ଚୋରି

**ସମ୍ବଲପୁର, ୧୩।୩(ସମିସ):** ଅଇଁଠାପାଲି ଥାନା ଅଞ୍ଚଳରୁ ମୋବାଇଲ ଚୋରି ହୋଇଛି। ପରଧିଆପାଲିରେ ଏକ ଘର ନିର୍ମାଣରେ ନିୟୋଜିତ ଥିବା ଶ୍ରମିକ ରାତିରେ ସେଠାରେ ଶୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ଆସି ତାଙ୍କ ମୋବାଇଲ ନେଇଯାଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଆଇନଜୀବୀ ସୂରଜଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୧୩।୩(ସମିସ):** ଆଇନଜୀବୀ ତଥା ବିଜେଡି ନେତା ସୁରଜ ବିଶ୍ୱାଳଙ୍କ ଆଜି ରାଜଘାଟରେ ଶେଷକୃତ ସମ୍ପନ୍ନ ହୋଇଛି। ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମୃତ ଶରୀରକୁ ବାରକୁ ଆଣାଯାଇଥିଲା। ସେଠାରେ ଓକିଲମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବାରର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଅନ୍ୟପଟେ ରାଜଘାଟରେ ବିଜେଡିର ନେତା, କର୍ମୀ ଓ ପରିଜନ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଏକ ପ୍ରେସ ବିବୃତି ମାଧ୍ୟମରେ ବିଜେଡି ଯୁବ ନେତା ତଥା ଆଇନଜୀବୀ ବିଶ୍ୱାଳଙ୍କ ଆକସ୍ମିକ ବିୟୋଗରେ ଅତି ଦୁଃଖର ସହିତ ଗଭୀର ଶୋକ ପ୍ରକଟ କରିଛନ୍ତି। ବିଗତ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ରାଜନୈତିକ କ୍ଷେତ୍ରରେ ବିଭିନ୍ନ ଆନ୍ଦୋଳନ ଓ ଜନହିତକାରୀ କାର୍ଯ୍ୟରେ ଦଳକୁ ନିଷ୍ଠାପର ଭାବରେ ପୂର୍ଣ୍ଣ ସହଯୋଗ କରିଥିଲେ। ସେ ତାଙ୍କର ଏହି ଆକସ୍ମିକ ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଏହି ମର୍ମରେ ଇଂ ପୂଜାରୀ ପ୍ରକାଶ କରିଛନ୍ତି ଯେ, ସ୍ୱର୍ଗତ ସୁରଜ ବିଶ୍ୱାଳଙ୍କ ସହିତ ତାଙ୍କର ବ୍ୟକ୍ତିଗତ ଏବଂ ସାଂଗଠନିକ ସମ୍ପର୍କ ଖୁବ୍ ମଧୁର ଥିଲା। ତାଙ୍କ ବିୟୋଗରେ ବିଜୁ ଜନତା ଦଳ ସମ୍ବଲପୁର ଜଣେ ଉଦୟୀମାନ ଟାଣୁଆ ଏବଂ ସ୍ପଷ୍ଟବାଦୀ ନେତାଙ୍କୁ ହରାଇଛି। ଅସମୟରେ ପ୍ରଭୁ ଜଗନ୍ନାଥ ଓ ମାଁ ସମଲେଶ୍ୱରୀଙ୍କ ନିକଟରେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଅସୀମ ଧର୍ଯ୍ୟ ଓ ସାହସ ପ୍ରଦାନ ନିମନ୍ତେ ବିଧାୟକ ଇଂ ପୂଜାରୀ ପ୍ରାର୍ଥନା କରିଛନ୍ତି।

## ସେମିକଣ୍ଡକ୍ଟର ନିର୍ମାଣ ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଦେଖିଲେ ଭିସୁଟ ଛାତ୍ରଛାତ୍ରୀ



**ବୁର୍ଲା, ୧୩।୩ (ସମିସ):** ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନିଟି ସେମିକଣ୍ଡକ୍ଟର ନିର୍ମାଣ ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମକୁ ଇ-ଲର୍ଣ୍ଣିଂ ସେଣ୍ଟରରେ ଛାତ୍ରଛାତ୍ରୀ ଦେଖିବାର ସୁଯୋଗ ପାଇଛନ୍ତି। ତିନିଟି ସେମିକଣ୍ଡକ୍ଟର ସୁବିଧା ମଧ୍ୟରୁ ଦୁଇଟି ଗୁଜୁରାଟରେ ଓ ଗୋଟିଏ ଆସାମ ନିର୍ମାଣ ହେବ। ଏହା କାର୍ଯ୍ୟକାରୀ ହେଲେ ଇଞ୍ଜିନିଅରିଂ ପଢୁଥିବା ପିଲାମାନଙ୍କ ପାଇଁ ଚାକିରୀର ସୁଯୋଗ ସୃଷ୍ଟି କରିବ। ଫଳରେ ଛାତ୍ରଛାତ୍ରୀଙ୍କ ଉତ୍ସାହ ବୃଦ୍ଧି ତଥା ଆଗାମୀ ଦିନରେ ସେମିକଣ୍ଡକ୍ଟର ପ୍ରତି ମନୋନିବେଶ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରି ନାୟକ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲ, ବୁର୍ଲା ଏନଏସିର ପୂର୍ବତନ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରକ୍ଷିତ ଉପସ୍ଥିତ ଥିଲେ। ଏହି ସେମିକଣ୍ଡର ସୁବିଧା ୨୦୪୭ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନ କୁ ସାକାର କରିବାରେ ସହାୟକ ହେବ। ଭାରତରେ ସେମିକଣ୍ଡକ୍ଟର ଶିଳ୍ପର ସୁଦୂର ଅଭିବୃଦ୍ଧି ଏହା ଏକ ପ୍ରାରମ୍ଭ। ସେମିକଣ୍ଡକ୍ଟର ଚିପ୍ସ ଗଠନରେ ଭାରତ ଏବେ ସ୍ୱାଧୀନ। ଦେଶର ଅର୍ଥନୈତିକ ସ୍ଥିତିର ଅଭିବୃଦ୍ଧି ପାଇଁ ଉତ୍ସର୍ଗୀକୃତ ସେମିକଣ୍ଡକ୍ଟର ସୁବିଧା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେମିକଣ୍ଡକ୍ଟର ଚିପ୍ସର ନିର୍ମାଣ ପାଇଁ ଭାରତ ଆଉ ବେଶୀଦିନ ତାଇୱାନ, ଜାପାନ ଏବଂ ଚୀନ ପରି ଦେଶ ଉପରେ ନିର୍ଭରଶୀଳ ହୋଇ ରହିବ ନାହିଁ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

## ଆଇଆଇଏମ୍ ସମ୍ବଲପୁରରେ ଟେଡ୍‌ଏକ୍ସ କାର୍ଯ୍ୟକ୍ରମ

**ବୁର୍ଲା, ୧୩।୩(ସମିସ):** ପ୍ରମୁଖ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁର ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଭିନ୍ନ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ନେଇ ଆୟୋଜିତ ଟେଡ୍‌ଏକ୍ସ ଟକ୍ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ ପ୍ରଧାନ କରିଛି। ବିଶିଷ୍ଟ ବକ୍ତାମାନେ 'ୱାନ୍ ମୋର୍ ମାଇଲ୍' ଶୀର୍ଷକ ଅଧୀନରେ ସେମାନଙ୍କର ଦୃଷ୍ଟିକୋଣ ଓ ବୁଝାମଣା ଆଲୋକପାତ କରିଥଲେ। ସେଥିରେ ସେମାନେ ସଫଳତାର ପ୍ରକୃତ ବିଷୟ ଉପରେ ଆଲୋକପାତ କରିଥିଲେ ଏବଂ ଏହାର ନିରନ୍ତର ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ। ଏଥିରେ ସମ୍ବଲପୁରର ଆୟକର ଆୟୁକ୍ତ ଡ. ସରିତା ମିଶ୍ର କୋଲହେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭିନ୍ନ ଭିନ୍ନ କ୍ଷେତ୍ରର ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ବିଶେଷମାନେ ସେମାନଙ୍କର ଜ୍ଞାନ ଓ ସଫଳତାର ମନ୍ତ୍ର ବାଣ୍ଟିଥିଲେ। ସେମାନଙ୍କ ମଧ୍ୟରେ ବେଷ୍ଟସେଲର ଲେଖକ ନିଖିଲ ଚାନ୍ଦୱାନୀ, ଦୂରଦର୍ଶୀ ମାର୍କେଟିଂ ଲିଡର ଏବଂ ବ୍ୟବସାୟ ରଣନୀତିଜ୍ଞ ନମିତା ତିୱାରୀ, ମାଷ୍ଟର ଏନଏଲପି ଏବଂ ହିପ୍ନୋଥେରାପି ପ୍ରଶିକ୍ଷକ ମୃଣାଳ ଚକ୍ରବର୍ତ୍ତୀ, ପ୍ରଖ୍ୟାତ କସ୍ମେଟିକ୍ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସୁରକ୍ଷିତ ବଟିନା, ମାର୍କେଟିଂ ଲିଡର ଦେବନ ଭଲ୍ଲା ଏବଂ ଇମାମି ଲିମିଟେଡର ଏଭିପି ଏବଂ ଜଣେ ସାର୍ଟିଫାଏଡ୍ ଇଏସଜି ବିଶେଷଜ୍ଞ ଅଙ୍କୁର ଚତୁର୍ବେଦୀ ଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ବରିଷ୍ଠ ଜାତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ଭଳି ବକ୍ତା ମଧ ଯୋଗ ଦେଇଥିଲେ। ଭାରତୀୟ ନୌସେନାର କମାଣ୍ଡର ତଥା ଅସ୍ତ୍ରଶସ୍ତ୍ର ବିଶେଷଜ୍ଞ କମାଣ୍ଡର ରଞ୍ଜନ ଭଟ୍ଟାଚାର୍ଯ୍ୟ ଏବଂ ସଂସଦର



ଭବନରେ ଭାଷଣ ଦେଇଥିବା ଓଡ଼ିଶାର ବିଦ୍ୟାର୍ଥୀ ଅନମୋଲ ଅଙ୍କିତା ମଧ ଭାଗ ନେଇଥିଲେ। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ମହାଦେବ ଜୟସ୍ୱାଲ କହିଛନ୍ତି ଯେ, ଟେଡ୍‌ଏକ୍ସ ଆଇଆଇଏମ ସମ୍ବଲପୁର କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଏକ ଆକର୍ଷଣୀୟ ଅନୁଭୂତି ଯାହା ଧାରଣାକୁ ଉନ୍ମୋଚନ କରିବା ସହ ମନକୁ ପ୍ରେରଣା ଦେଉଛି ଏବଂ ନବସୃଜନର ଶକ୍ତିକୁ ପାଳନ କରୁଛି। ବିଭିନ୍ନ କ୍ଷେତ୍ରର ବକ୍ତାମାନଙ୍କର ବିବିଧ ଉକ୍ତି ସହିତ ଏହି କାର୍ଯ୍ୟକ୍ରମ ବୌଦ୍ଧିକ ଉତ୍ସୁକତା ଜାଗ୍ରତ କରିଛି ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିଛି। ଏହା ସେମାନଙ୍କୁ ସେମାନଙ୍କର ଦିଗନ୍ତକୁ ବ୍ୟାପକ କରିବାକୁ, ସେମାନଙ୍କର ଧାରଣାକୁ ଚ୍ୟାଲେଞ୍ଜ କରିବା ଏବଂ ଜଟିଳ ପ୍ରସଙ୍ଗଗୁଡ଼ିକର ଅଧିକ ସୂକ୍ଷ୍ମ ବୁଝାମଣା ବିକଶିତ କରିବାକୁ ଉତ୍ସାହିତ କରୁଛି। ଚିନ୍ତାପ୍ରବଣ ଆଲୋଚନାଠାରୁ ଆରମ୍ଭ କରି ନେଟୱାର୍କିଂ ସୁଯୋଗ ପର୍ଯ୍ୟନ୍ତ ଏହା ଏକ ପ୍ଲାଟଫର୍ମ ମଧ୍ୟ ସୃଷ୍ଟି କରିଥିଲା ଯେଉଁଠାରେ ବ୍ୟକ୍ତିମାନେ ଜ୍ଞାନ ଓ ଅଭିଜ୍ଞତା ଆଲୋଚନା କରିପାରିବେ। କାର୍ଯ୍ୟକ୍ରମରେ ଅଧ୍ୟାପକ, କର୍ମଚାରୀ, ନିମନ୍ତ୍ରିତ ଅତିଥି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ଆର୍‌ଡିସିଙ୍କ ସହ ଆଲୋଚନା କଲେ ଜେଡିଏ ସଦସ୍ୟ



**ବୁର୍ଲା, ୧୩।୩(ସମିସ):** ସମ୍ବଲପୁର ବୁର୍ଲା ଭିମ୍‌ସାରର କନିଷ୍ଠ ଡାକ୍ତର ସଂଘ(ଜେଡିଏ) ଆଜି ଆରଡିସିଙ୍କୁ ଭେଟିଛନ୍ତି। ସେମାନେ ଅଭିଯୋଗ କରିଥିଲେଯେ, ଷ୍ଟାଇପେଣ୍ଡ ପ୍ରଦାନରେ ବିଳମ୍ବ ହେଉଛି। ଦୀର୍ଘଦିନ ହେବ ଭିମ୍‌ସାରରେ ସୁପର ସ୍ପେଶାଲିଟି ବିଲଡିଂ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ରୋଗୀଙ୍କ ପାଇଁ ସିଟି ସ୍କାନ ମେସିନର ବୃଦ୍ଧି, ଏମଆରଇ ଭଳି ସେବା ଶୀଘ୍ର ଯୋଗାଇବା ପାଇଁ ଦାବି କରିଛନ୍ତି। ପୂର୍ବରୁ ଭିମସାର ଡିନ୍ ତଥା ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତାପରେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଭଳି ସ୍ଥିତିରେ ଡିନ୍ ତଥା ଅଧ୍ୟକ୍ଷ, ଆକାଉଣ୍ଟସ୍ ଅଫିସର ଏବଂ ଶିକ୍ଷା ବିଭାଗ ମୁଖ୍ୟ କିରାଣୀଙ୍କ ବଦଳି ଦାବି କରିଥିଲେ। ୧୩ ତାରିଖ ସୁଦ୍ଧା ଦାବି ପୂରଣ କରାନଗଲେ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି କହିଥିଲେ। ଆନ୍ଦୋଳନ କରିବାକୁ ସିଏମ୍‌ଓ, ୫ଟି ଅଧ୍ୟକ୍ଷ, ସ୍ୱାସ୍ଥ୍ୟ ସଚିବ ପ୍ରମୁଖଙ୍କୁ ଦାବିପତ୍ର ମଧ ଦିଆଯାଇଛି। ପରେ ଡାକ୍ତର ଛାତ୍ର ଛାତ୍ରୀ ଓ ଭୀମସାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ଯାହା ବି ହୋଇଛି। ସେ ସମ୍ପର୍କରେରେ ଛାତ୍ର ଛାତ୍ରୀ ମାନେ ଜେଡିଏର ସାଧାରଣ ବୈଠକରେ ନିଷ୍ପତି ନେବେ ବୋଲି କହିଛନ୍ତି।

## ସାମାଜିକ ଅଧିକାର ଶିବିର

**ବୁର୍ଲା, ୧୩।୩(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ଦ୍ୱାରା 'ସାମାଜିକ ଅଧିକାରିତା ଶିବିର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ ମାନଙ୍କୁ ସହାୟକ ଉପକରଣ ମାଧ୍ୟମରେ ସଶକ୍ତ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଏଡିଆଇପି ଯୋଜନା ନିମନ୍ତେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସହାୟତା ଅଧୀନରେ ଏକ ସାମାଜିକ ଅଧିକାରୀତା ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ୯ଟି ବ୍ଲକରୁ ମୋଟ ୪୦୦ ଜଣ ହିତାଧିକାରୀ ସହାୟତା ଗ୍ରହଣ କରିଛନ୍ତି। ଏଥିରେ ବାମରାର ୫୪, ଧନକୌଡ଼ା ୬, ଜମନକିରା ୫୫, ଜୁଯୁମୁରା ୭୪, କୁଚିଣ୍ଡା ୪୯, ମନେଶ୍ୱର୨୧, ନାକଟିଦେଉଳ ୩୦, ରେଢ଼ାଖୋଲ ୫ ଓ ରେଙ୍ଗାଲିରୁ ୫୦ ଜଣ ହିତାଧିକାରୀ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ୪୩ ଲକ୍ଷ ୮୦ ହଜାର ୫୧୩ ଟଙ୍କା ମୂଲ୍ୟର ମୋଟ ୮୩୨ଟି ଉପକରଣ ବଣ୍ଟନ କରାଯାଇଥିଲା। ସେମାନଙ୍କୁ ଦିଆଯାଇଥିବା ଉପକରଣ ଭିତରେ କୁଷ୍ଠ ରୋଗୀଙ୍କ ପାଇଁ ଦୈନିକ ୧୪ଟି ସହାୟକ ଦୈନିକ ଲିଭିଂ କିଟ୍। ଦିବ୍ୟାଙ୍ଗ ପାଇଁ ବକ୍ସ ସହିତ ୧୬ଟି ବ୍ୟାଟେରୀ ଚାଳିତ ମୋଟରଚାଳିତ ଟ୍ରାଇସାଇକେଲ, ୧ଟି ବ୍ରେଲି କିଟ୍, ଦିବ୍ୟାଙ୍ଗଙ୍କ ପାଇଁ ୩୫ଟି ଚାଲିବା ବାଡ଼ି, ୧୯ଟି ହ୍ୱିଲ୍ ଚେୟାର ପ୍ରମୁଖ ସାମିଲ ରହିଛି। କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଥାବିର କୁମାର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



**ପବ୍ଲିକ ଲାଇବ୍ରେରୀରେ ପ୍ରଧାନ ଶିକ୍ଷକଙ୍କ ସମାବେଶ**

# ଯୁବ ପ୍ରଶିକ୍ଷଣ ନେଇ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୧୩।୩(ସମିସ)**

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ଚଳିତ ବର୍ଷ ପାଇଁ ଯୁବ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ ମହାନଗର ନିଗମ ଅଧିନସ୍ଥ ସମସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶକୁ ସ୍ୱାଗତ କରି ଗତବର୍ଷ ପରି ଚଳିତ ବର୍ଷ ଏପ୍ରିଲରୁ ଆରମ୍ଭ ହେବାକୁ ଥିବା ଯୁବ ପଶିକ୍ଷଣ କାର୍ଯ୍ୟକ୍ରମକୁ ସମସ୍ତେ ମିଶି ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଅଧିକ ପିଲାଙ୍କୁ ସାମିଲ କରିବା ପାଇଁ ଭିତ୍ତିଭୂମି ପ୍ରସ୍ତୁତି ଉପରେ ପ୍ରୋ. ଶଙ୍କର ପତି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ପ୍ରଶିକ୍ଷଣ ସମ୍ବନ୍ଧୀୟ ବିବରଣୀ ଦେଇଥିଲେ। ଗତ ବର୍ଷର ସଫଳତାକୁ ଆଧାର କରି ଆଗାମୀ ଏପ୍ରିଲ ୭ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ପ୍ରତି ସ୍କୁଲରୁ




ଅନ୍ତତଃ ୪ ଜଣ ପିଲା ଭାଗ ନେବା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନଙ୍କୁ ଅନୁରୋଧ କରିଥିଲେ। ଏହା ସହ ଗତବର୍ଷର ସଫଳତା ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ବିଦ୍ୟାଳୟ ମୁଖ୍ୟମାନେ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ପିଲାଙ୍କ ମଧ୍ୟରେ ଜାଣିବାର ଆଗ୍ରହ, କହିବାର ଶକ୍ତି, ନେତୃତ୍ୱ କଳା ଇତ୍ୟାଦି ବହୁମୁଖି ବିକାଶ ହୋଇଥିବା କହି ପିଲାଙ୍କ ମଧ୍ୟରେ ତାଙ୍କର ଜ୍ଞାନ ଆହରଣର ମୂଲ୍ୟାୟନ ପାଇଁ ସେମିନାର, କୁଇଜ, ଲିଖନ ଓ ବାହ୍ୟ ଜ୍ଞାନ ଆହରଣ ଉପରେ ମତାମତ ରଖିଥିଲେ। ଦୀପାଲି ଚୌଧୁରୀ, ସୁମିତା ପତ୍ରି, ତାରା ବେହେରା, ରାଖୀ ମହାପାତ୍ର, ଶୈଳବାଳ ନାୟକ, ପଦ୍ମାଳୟା ମିଶ୍ର, ରଞ୍ଜିତା ରାଣୀ ହୋତା, କମଳିନୀ ଆଚାର୍ଯ୍ୟ, ଦିଲ୍ଲୀପ ପାଢ଼ୀ, ବିଭୁତି ଭୂଷଣ ମହାପାତ୍ର, ମଧୁସ୍ମିତା ମହାପାତ୍ର, ଗୀତାଞ୍ଜଳି ପ୍ରଧାନ, ଗୀତାଞ୍ଜଳି ପଣ୍ଡା, ଲକ୍ଷ୍ମୀ ସେଠ, ରୂପାଲି ମଟାରି ଓ କରନ ଶର୍ମା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସ୍କୁଲରୁ ପିଲା ପଠେଇବାକୁ ନିଶ୍ଚିତ କରିଥିଲେ। ଲାଇବ୍ରେରି ତରଫରୁ ସମ୍ପାଦନା କମିଟି ସଭ୍ୟ ଡ଼ ଗିରିଧାରୀ ହୋତା, ପ୍ରଫେସର କାମଦେବ

**ଏପ୍ରିଲ ୭ରୁ ପ୍ରଶିକ୍ଷଣ ଶିବିର**

ସାହୁ, ଉଦିତ ପାଟଯୋଶୀ, ପ୍ରୋ, ରବିନାରାୟଣ ମିଶ୍ର, ପୃଥିବୀରାଜ ମିଶ୍ର ଓ ଅରବିନ୍ଦ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ବିଭିନ୍ନ ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ପ୍ରମୁଖ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ଗୋଳକ ମିଶ୍ର, ପ୍ରଫୁଲ ହୋତା, ବିଜୟ ସାହୁ ଓ ସୁନନ୍ଦା ପ୍ରଧାନ ସହଯୋଗ କରିଥିଲେ। ଶେଷରେ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ପରାମର୍ଶଦାତା ଓ ଟାସ୍କଫୋର୍ସ ବୈଠକ

**ସମ୍ବଲପୁର, ୧୩।୩(ସମିସ):** ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ର ଜିଲ୍ଲା ପରାମର୍ଶଦାତା ଓ ଟାସ୍କ ଫୋର୍ସ ବୈଠକ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସମ୍ବଲପୁର, ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି। ଉକ୍ତ ବୈଠକରେ ଆଇନକୁ କଡାକଡି ପାଳନ କରିବା ପାଇଁ ତଦାରଖ କମିଟି ମାଧ୍ୟମରେ ଅଲ୍ଟ୍ରାସାଉଣ୍ଡ କେନ୍ଦ୍ର ଗୁଡିକର ନିୟମିତ ଯାଞ୍ଚ କରିବା ପାଇଁ ଆଲୋଚନା ହୋଇଥିଲା। ଗତ ଜାନୁୟାରୀ ମାସରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ସମ୍ବଲପୁର ଜିଲ୍ଲା ରାଜ୍ୟ ସ୍ତରରେ ଲିଙ୍ଗ ଅନୁପାତ ବଜାୟ ରଖି ପୁରସ୍କୃତ ହୋଇଥିଲା। ତାହା ଆଗକୁ ଆହୁରି କିପରି ଉନ୍ନତି କରିବ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଲୋଚନା ହୋଇଥିଲା। ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭରତ ଚନ୍ଦ୍ର, ଡା. ଆଶୁତୋଷ ହୋତା ଓ ମଦନମୋହନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସହକାରି ପରିଚାଳକ, ଆଇନ ବ୍ୟାପାର ବୁଧରଞ୍ଜନ ଭୋଇ ଉପସ୍ଥାପନ କରିଥିଲେ।

